## ସଂକ୍ଷେପରେ

### ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଛତିଆ,୨୯।୨(ସୌମ୍ୟରଞ୍ଜନ ସାହୁ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ଅବସ୍ଥିତ ମାଳିକା ପ୍ରସିଦ୍ଧ ଅମରାବତୀ ମଠ ପରିସରରେ କୁମାରୀ ଅପର୍ଣ୍ଣାଙ୍କ ତତ୍ତ୍ୱାବଧାନରେ ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃରୁ ବିଧି ଅନୁଯାୟୀ ପଣ୍ଡିତମାନଙ୍କ ଦ୍ୱାରା ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତାଭାବେ ଦିଲୀପ କୁମାର ରାଉତ ଦାୟିତ୍ୱ ନିର୍ବାହ କରିଥିଲେ। ଶତାଧିକ ଶ୍ରଦ୍ଧାଳୁ ଆଧାତ୍ମିକ ଉତ୍ସବରେ ଯୋଗଦେଇଥିଲେ। ନାମ ସଙ୍କୀର୍ତ୍ତନ ସହ ବିଭିନ୍ନ ଆଧାତ୍ମିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ବିପିନ ବିଶ୍ୱାଳ, ଅମରେଶ ନନ୍ଦ, ଅଜୟ କୁମାର ବିଶ୍ୱାଳ ଓ ସୁଶାନ୍ତ ସାହୁଙ୍କ ସମେତ ମଠର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ପ୍ରଶାନ୍ତ ସାହୁ କଂଗ୍ରେସ ରାଜ୍ୟ ଓବିସି ସେଲ୍ ଉପସଭାପତି ନିଯୁକ୍ତ

**ଯାଜପୁର ଟାଉନ,୨୯।୨ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):**



ଯାଜପୁରର ବରିଷ୍ଠ ନେତା ପ୍ରଶାନ୍ତ ସାହୁ କଂଗ୍ରେସ ରାଜ୍ୟ ଓବିସି କମିଟି ଉପସଭାପତି ନିଯୁକ୍ତି ହୋଇଛନ୍ତି। ସାହୁ ନୂତନ ଭାବେ ଦାୟିତ୍ୱ ପାଇଥିବାରୁ ଆନନ୍ଦିତ ହେବା ସହ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତରେ କଂଗ୍ରେସ କିପରି ଶାସନକୁ ଆସିବ ସେଥିପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ଏହି ନିଯୁକ୍ତି ପାଇଁ ସେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ପ୍ରାକ୍ତନ ପସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରାକ୍ତନ ରାଜ୍ୟ ସଭା ସଦସ୍ୟ ରାମଚନ୍ଦ୍ର ଖୁଣ୍ଟିଆ, ଜିଲା କଂଗ୍ରେସ କମିଟି ସଭାପତି ମନୋଜ ରାଉତ, ବରିଷ୍ଠ ନେତା ସନ୍ତୋଷ ନନ୍ଦ, ପଦ୍ମାକର ଗୁରୁ, ଦେବେନ୍ଦ୍ର ପଣ୍ଡା ଓ ରାଜ୍ୟ ଓବିସି ସେଲର ସଭାପତି ବିଜୟାନନ୍ଦ ଚାଉଳିଆଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ସାହୁଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

### ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଜିଲାସ୍ତରୀୟ ସମ୍ମିଳନୀ

**କଳିଙ୍ଗନଗର,୨୯।୨(ଶୁଭାଶିଷ ରାଉତ):** ଦାନଗଦିଠାରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ ଏକ ଜିଲାସ୍ତରୀୟ ୩ ଦିନିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ଅନ୍ୟ ରାଜନୈତିକ ଦଳ ସାମ୍ପ୍ରଦାୟିକତା ଉପରେ ବିଶ୍ୱାସ ରଖୁଥିବାବେଳେ ବିଜେଡି ହିଁ ଏକମାତ୍ର ରାଜନୈତିକ ଦଳ ଯିଏକି ସବୁବେଳେ ଧର୍ମ ନିରପେକ୍ଷତାକୁ ପାଳନ କରି ଆସିଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଟିନା ହାଇବ୍ରୁ, ମନୋରଞ୍ଜନ ହାଇବ୍ରୁ, ରମେଶ ମୁର୍ମୁ, ୩ ଜଣ ଧର୍ମ ଗୁରୁ ଓ ଫାଦର ଉପସ୍ଥିତ ଥିଲେ।

# ୫ରେ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

**ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥ ୮ ଲେନ୍ କାର୍ଯ୍ୟ**

**ଚଣ୍ଡିଖୋଲ,୨୯।୨(ପ୍ରଦୀପ୍ତ କୁମାର ପୃଷ୍ଟି):** ଓଡ଼ିଶାର ପ୍ରମୁଖ ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥ ପ୍ରଥମ ୮ ଲେନ ବିଶିଷ୍ଟ ରାଜପଥରେ ପରିଗଣିତ ହେବାକୁ ଯାଉଛି। ଏହି ଜାତୀୟ ରାଜପଥ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଆସନ୍ତା ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଶିଳାନ୍ୟାସ କରିବେ। ସେଥିପାଇଁ ଚଣ୍ଡିଖୋଲ ନିକଟ ବେଣାପୁରଠାରେ ସଭା ସ୍ଥଳ ନିର୍ମାଣ କାର୍ଯ୍ୟ ଜୋର୍ ସୋରରେ ଚାଲିଛି। ଏହି ୭୬.୬୪୬ କିଲୋମିଟର ଜାତୀୟ ରାଜପଥ ପାଇଁ ୨୮ ଶହ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ କରାଯାଇଛି। ପୂର୍ବରୁ ଏହା ୪ ଲେନ ବିଶିଷ୍ଟ ଥିଲା। ଏବେ ୮ ଲେନ କରାଗଲେ ପାରାଦୀପ ବନ୍ଦରକୁ ଖଣିଜ ସମ୍ପଦ ପରିବହନ ସହଜ ହେବ। ସେଥିପାଇଁ



୪ଟି କମ୍ପାନୀକୁ ଟେଣ୍ଡର ପ୍ରଦାନ କରିଛନ୍ତି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ। ଏବେ ୩ କମ୍ପାନୀ ସେମାନଙ୍କ ନିର୍ମାଣ କାର୍ଯ୍ୟ ଜୋରଦାର କରିଛନ୍ତି।

ଚଣ୍ଡିଖୋଲଠାରୁ ୧୮ କି.ମି. ରାସ୍ତା ନିର୍ମାଣ ପାଇଁ ଅଗ୍ରୱାଲ ଇନଫ୍ରା ଷ୍ଟ୍ରକଚର ଲିମିଟେଡକୁ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ୭୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ୧୮ କି.ମି.ଠାରୁ ୩୯ କି.ମି. ରାସ୍ତା ପାଇଁ ପିଏସ୍‌କେ ଇନଫ୍ରା ଷ୍ଟ୍ରକଚର ଲିମିଟେଡକୁ ଟେଣ୍ଡର ଦିଆଯାଇଛି। ସେଥିପାଇଁ ବ୍ୟୟ ଅଟକଳ ୭୧୭ କୋଟି ୯୩ ଲକ୍ଷ ଟଙ୍କା ରଖାଯାଇଛି। ସେହିପରି ୩୯ କି.ମି.ରୁ ୬୦ କି.ମି. ରାସ୍ତା ନିର୍ମାଣ ପାଇଁ ରାଜବୀର କନଷ୍ଟ୍ରକଶନ କମ୍ପାନୀକୁ ଟେଣ୍ଡର ମିଳିଥିବାବେଳେ ଏଥିପାଇଁ ୬୬୮ କୋଟି ୧୯ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସେହିଭଳି ୬୦ କି.ମି.ଠାରୁ ୭୬କି.ମି. ୬୪୬ ମିଟର ଶେଷ ପାରାଦୀପ ପର୍ଯ୍ୟନ୍ତ ଆଉ ଏକ କମ୍ପାନୀକୁ ଟେଣ୍ଡର ଦିଆଯାଇଛି। ହେଲେ ଏ ପର୍ଯ୍ୟନ୍ତ ଚୁକ୍ତି ନାମା ହୋଇ ନ ଥିବା ଜଣାପଡ଼ିଛି। ସେଥିପାଇଁ ୭୨୭ କୋଟି ୩୮ ଲକ୍ଷ ବ୍ୟୟ ଅଟକଳ କରାଯାଇଛି। ଏହି ରାଜପଥରେ ୭ ବଡ଼ ସେତୁ ନିର୍ମାଣ କରାଯିବ ବୋଲି ଜଣାପଡିଛି। ଏଥିସହିତ ବହୁ ଛୋଟ ଛୋଟ ସେତୁ ଓ କଲଭର୍ଟ ନିର୍ମାଣ କରାଯିବ। ଏ ସମ୍ପର୍କରେ ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ ଜୟ ପ୍ରକାଶ ବର୍ମାଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ତ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ କାର୍ଯ୍ୟ ଆରମ୍ଭ ହେଲାଣି। ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବା ପରେ ଏହା ଅଧିକ ଗତିଶୀଳ ହେବ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ଝୁମ୍ପୁରୀ,୨୯।୨(ସରୋଜ ନାୟକ):** ଦଶରଥପୁର ବ୍ଲକ୍ ଅଧୀନ ପାଲଟପୁର ପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ସରପଞ୍ଚ ଲିପିକା ମଲ୍ଲିକଙ୍କ ସଭାପତିତ୍ୱରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଞ୍ଝାରପୁର ବିଧାୟିକା ତଥା ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେଇ ପଞ୍ଚାୟତର ଉନ୍ନତି ନିମନ୍ତେ ସବୁପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ଅତିଥିଭାବେ ବ୍ଲକ୍ ଅଧକ୍ଷ ଦିଗାମ୍ବର ମଲ୍ଲିକ, ବିଡିଓ ଆକାଶ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ନୀନାରାଣୀ ସାମଲ, ସମିତିସଭ୍ୟ ଧୀରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ା, ପ୍ରାକ୍ତନ ସମିତି ସଭ୍ୟ ବିମଳ ମଲ୍ଲିକ, ଯୁବନେତା ଚନ୍ଦ୍ରଶେଖର ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ସମାଜର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶତାଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ପାଲଟପୁର ପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଚସ୍ପତି ଓ ଅନ୍ୟମାନେ।

## କ୍ରିକେଟ ଟୁର୍ନାମେଣ୍ଟ: ଚିନ୍ତାମଣିପୁର ଚାମ୍ପିୟନ



ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

**ଛତିଆ,୨୯।୨(ସୌମ୍ୟ ରଞ୍ଜନ ସାହୁ):** ବଡ଼ଚଣା ଅନ୍ତର୍ଗତ ସମିଆ ପଞ୍ଚାୟତର ପୁବୁଲିଠାରେ ମା'ବ୍ରାହ୍ମଣୀ ଦେବୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପୁବୁଲି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବୁଢ଼ାକେନ୍ଦୁଆ କ୍ରିକେଟ କ୍ଲବକୁ ହରାଇ ବିବିସିସି ଚିନ୍ତାମଣିପୁର ଚାମ୍ପିୟନ ହୋଇଛି। ବୁଢ଼ାକେନ୍ଦୁଆ ଟସଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬୯ ରନ କରିବାରେ ସମର୍ଥ ହୋଇଥିଲା। ଜବାବରେ ଚିନ୍ତାମଣିପୁର ୫ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ସମିଆ ସରପଞ୍ଚ ବିଶ୍ୱବିଜୟ ବ୍ରହ୍ମ, ସମ୍ମାନିତ ଅତିଥିଭାବେ ରାଜେନ୍ଦ୍ର ଗାଗରାଇ, ବାଗୁନ ଜାମୁଦା, ପ୍ରଫୁଲ୍ଲ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଟିମକୁ ପୁରସ୍କୃତ କରିଥିଲେ। କ୍ଲବ ପକ୍ଷରୁ ବନୋଜ ଲାମେଏ, ନରେନ୍ଦ୍ର କାରୁଆ, ଧର୍ମେନ୍ଦ୍ର ବାଙ୍କୀରା, ରାଜକିଶୋର ସଏ, କୁଶଳ କାରୁଆ, ସୁରେଶ ହାଇବ୍ରୁ, ନୀଳାଞ୍ଚଳ ବାଙ୍କୀରା ପ୍ରମୁଖ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ। ବିଦ୍ୟାଧର ବେହେରା, କାଳିଆ ଦାସ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ପ୍ରସନଜିତ ଭୂୟାଁ ଓ ପ୍ରଦୀପ୍ତ ମହାନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ।

### ଦୋକାନୀଙ୍କୁ ଆକ୍ରମଣ ଅଭିଯୋଗ

**ପାଣିକୋଇଲି,୨୯।୨(ବିକାଶ ମଲ୍ଲିକ):** ପାଣିକୋଇଲି ବଜାରର ଦୁର୍ଗା ମାର୍କେଟରେ ସାମଗ୍ରୀ କିଣାବିକାକୁ ନେଇ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଦୋକାନୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ଦୋକାନୀ ହେଲେ ଏହି ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ଅଶୋକ ପରିଡ଼ା। ସେ ଏକ ଫଳ ଦୋକାନ କରିଛନ୍ତି। ବୁଧବାର ରାତି ପ୍ରାୟ ୮ଟାରେ ସ୍ଥାନୀୟ ଅଳତିରି ପରିଡ଼ା ସାହିର ଉଦୟ ପରିଡ଼ା ଅଶୋକଙ୍କ ଦୋକାନ ପାଖରେ ଦୋକାନ କରିଥିବା ସେନାପତି ଭେରାଇଟି ଷ୍ଟୋରରେ ସାମଗ୍ରୀ କିଣାକୁ ନେଇ ଗଣ୍ଡଗୋଳ କରିବା ସହିତ ତାଙ୍କ ଦୋକାନରେ ଥିବା ସାମଗ୍ରୀ ଫିଙ୍ଗା ଫୋପଡ଼ା କରିଥିଲେ। ଏ ନେଇ ଉକ୍ତ ଦୋକାନ ମାଲିକ ବିରୋଧ କରିବାରୁ ସେ ତାଙ୍କୁ ମାଡ଼ ମାରିଥିଲେ। ଗଣ୍ଡଗୋଳ ହେବା ଦେଖି ଅଶୋକ ସେଠାରେ ପହଞ୍ଚି ଉଭୟ ପକ୍ଷଙ୍କୁ ଛଡ଼ାଛଡ଼ି କରିଥିଲେ। ଏହି ସମୟରେ ଉଦୟ ଉତ୍ତ୍ୟକ୍ତ ହୋଇ ଅଶୋକଙ୍କୁ ଆକ୍ରମଣ କରିବା ସହିତ ତାଙ୍କ ଦୋକାନରେ ଥିବା ଫଳ ପେଟିଗୁଡ଼ିକୁ ରାସ୍ତା ଉପରକୁ ଫୋପାଡ଼ି ଦେଇଥିଲେ। ଏହାସହିତ ଅଶୋକ ପିନ୍ଧିଥିବା ଏକ ସୁନା ଚେନକୁ ଛଡ଼ାଇ ନେଇଯାଇଥିଲେ। ଉଦୟଙ୍କ ଏପରି ଗଣ୍ଡଗୋଳ ଦେଖି ଅନ୍ୟ ଦୋକାନୀ ଘେରି ଯିବାରୁ କୌଶଳ କ୍ରମେ ଉଦୟ ସେଠାରୁ ପଳାଇ ଯାଇଥିଲେ। ପରେ ଦୋକାନୀମାନେ ସମ୍ମିଳିତ ହୋଇ ଉଦୟଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଶୋକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ.୧୧୩/୨୪ ରୁଜୁ କରି ତଦନ୍ତ ଚଳାଇଛି।

## ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୂତନ ଶାଖା

**ଝୁମ୍ପୁରୀ,୨୯।୨(ସରୋଜ ନାୟକ):** ଦଶରଥପୁର ବ୍ଲକ୍ ଅଧୀନ ମଙ୍ଗଳପୁର ବଜାରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏକ ନୂତନ ବ୍ୟାଙ୍କ ଶାଖା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଡିଓ ଆକାଶ ପଟ୍ଟନାୟକ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ତହସିଲଦାର ବିକ୍ରମ କେଶରୀ ପରିଡ଼ା, କନିକାପଡ଼ା ସରପଞ୍ଚ ପ୍ରଦୀପ ଜେନା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖା ପରିଚାଳକ ମିକନ ପାଣିଗ୍ରାହୀ, କ୍ଲଷ୍ଟର ମୁଖ୍ୟ ସଂଗ୍ରାମ ଅମିତାଭ ଦାସ ପ୍ରମୁଖ ଯୋଗଦେଇ ଏହି ବ୍ୟାଙ୍କରେ ଗ୍ରାହକମାନଙ୍କୁ ମିଳୁଥିବା ବିଭିନ୍ନ ସେବା ସମ୍ପର୍କରେ ସୂଚନା ଦେଇଥିଲେ। ଯାଜପୁର ଶାଖାର ମୁଖ୍ୟ ରଞ୍ଜିତ ମହାନ୍ତି, ବ୍ୟାସନଗର ଶାଖା ମୁଖ୍ୟ ପ୍ରିୟଦର୍ଶନ ପଟ୍ଟନାୟକ, ଦାନଗଦୀ ଶାଖା ମୁଖ୍ୟ ଅନୁପ ପଣ୍ଡା, ଚଣ୍ଡୀଖୋଲ ଶାଖା ମୁଖ୍ୟ ସନ୍ତୋଷ ନନ୍ଦଙ୍କ ସମେତ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଦୀପକ ପଣ୍ଡା ଓ ନୂତନ ଶାଖାର କର୍ମଚାରୀମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ବ୍ୟବସାୟୀ ଯୋଗଦେଇଥିଲେ।



ଅତିଥି ବ୍ୟାଙ୍କର ନୂତନ ଶାଖାକୁ ଉଦ୍‌ଘାଟନ କରୁଛନ୍ତି।

## ଆକ୍ରମଣ ମାମଲରେ ଯୁବତୀ ଗିରଫ

**ପାଣିକୋଇଲି,୨୯।୨(ବିକାଶ ମଲ୍ଲିକ)** ମହିଳାଙ୍କୁ ଇଟାରେ ଆକ୍ରମଣ କରି କ୍ଷତାକ୍ତ କରିବା ମାମଲାରେ ପାଣିକୋଇଲି ପୋଲିସ ଜଣେ ଯୁବତୀଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ମଇନା ମଲ୍ଲିକ। ଏହି ଥାନା ଜହ୍ନା ପଞ୍ଚାୟତ କୁରୁପଦା ଗ୍ରାମର ଅରୁଣ ମଲ୍ଲିକଙ୍କ ଅଭିଯୋଗ ମୁତାବକ, ତାଙ୍କ ସ୍ତ୍ରୀ ରଜନୀ ଗତ ୨୪ ତାରିଖରେ ଘର ନିକଟ ଏକ ପଡିଆରେ ଶାଗ ତୋଳୁଥିଲେ। ଏହି ସମୟରେ ଖଇରାବାଦ ଗ୍ରାମର ଗୋପୀନାଥ ମଲ୍ଲିକଙ୍କ ସ୍ତ୍ରୀ ପାର୍ବତୀ ମଲ୍ଲିକ ଓ ଝିଅ ମଇନା ମଲ୍ଲିକ ପହଞ୍ଚି ଇଟାରେ ରଜନୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ରଜନୀ ଗୁରୁତର ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ତଦନ୍ତାଧିକାରୀ ଏଏସ୍‌ଆଇ ସୁଜିତ ମଲ୍ଲିକ ସୂଚନା ଦେଇଛନ୍ତି।

### ଧର୍ମଶାଳା ମୁନି ସମାଜର ବାର୍ଷିକ ସମ୍ମିଳନୀ

**ଧର୍ମଶାଳା,୨୯।୨(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ନାଉପାଳଠାରେ ମୁନି ସମାଜର ୧୯ତମ ବାର୍ଷିକ ମୁନି ସମ୍ମିଳନୀ ସଭାପତି ଯୋଗୀ ବନମାଳୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗାଚାର୍ଯ୍ୟ ଧ୍ରୁବ ମୁନି, ମୁଖ୍ୟବକ୍ତା ଭାବେ ଯୋଗାଚାର୍ଯ୍ୟ ଅନନ୍ତ ମୁନି, ବକ୍ତାଭାବେ ଯୋଗୀ ସୁବାସ ମୁନି, ବାସୁ ମୁନି ଓ ସୁଧାକର ମୁନି ପ୍ରମୁଖ ଯେଗଦେଇ ମୁନି ସମାଜର ଅଷ୍ଟାଙ୍ଗ ଯୋଗ ଓ ଆତ୍ମଜ୍ଞାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅନନ୍ତ ମୁନି, ଯୋଗୀ ଶ୍ରୀବସ୍ତ ତରାଇ, ଲୁଟି ବେହେରା, ସୁରେଶ ଖଟୁଆ ଓ ରୋଫାନ ପରିଡା ପ୍ରମୁଖ ମୁନିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀରେ ହରିଡ଼ାପାଳ, ଲକ୍ଷ୍ମୀଧରପୁର, ଛତିଆ, ବଟୋ, ମହିମାନଗର, କୁରୀକଣା, ରଥିଆ, କୁଆଁପାଳ, ଫାଜିଲପୁର ଓ ନୂତାଙ୍ଗ ଆଦି ଶାଖାରୁ ଶତାଧିକ ମୁନିମତି ଯୋଗଦେଇଥିଲେ। ମୁନିରତ୍ନ ନାରାୟଣ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ବରୀ,୨୯।୨(ମହେନ୍ଦ୍ର ସ୍ୱାଇଁ):** ୧୯୪୨ ଅଗଷ୍ଟ ୨୬ରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ବରୀ ବ୍ଲକ୍‌ର ସାଉଁଟି ମଲିକ, ସାନନ୍ଦ ସ୍ୱାଇଁ, ହାଡ଼ିବନ୍ଧୁ ପଣ୍ଡା ଓ ମାୟାଧର ଭୂୟାଁ ଶହୀଦ ହୋଇଥିବାବେଳେ ଗୁରୁବାର ମାୟାଧରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ବରୀ ବିଧାୟିକା ସୁନନ୍ଦା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ସ୍ଥାନୀୟ ଚନ୍ଦନପୁର ପଞ୍ଚାୟତର ଅଜାଣଠାରେ ଶହୀଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନବେଳେ ବକ୍ତବ୍ୟ ରଖି ବିଧାୟିକା ଭାବବିହ୍ୱଳ ହୋଇପଡ଼ିଥିଲେ। ସରପଞ୍ଚ ଚପଳା ମଲ୍ଲ ଯୋଗଦେଇ ପଞ୍ଚାୟତର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବା ଓ ଆଗାମୀ ଦିନରେ ଯୁବପିଢ଼ି ଅତୀତର ଇତିହାସକୁ ପନେପକାଇବା କ୍ଷେତ୍ରରେ ବିଧାୟିକାଙ୍କ ଏଭଳି ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶହୀଦ ଭୂୟାଁଙ୍କ ଦାୟାଦ ତ୍ରିଲୋଚନ ଭୂୟାଁ, ବିଜେଡି ବ୍ଲକ୍ ସଭାପତି କେଦାର ସାମଲ, ସମବାୟ ସଭାପତି ଅନିରୁଦ୍ଧ ମଲ୍ଲ, ଜଗଦୀଶ ଜେନା, ଅଟିରା ସରପଞ୍ଚ କୈଳାସ ମଲିକ, ସମିତିସଭ୍ୟ ପ୍ରୀତିରଞ୍ଜନ ଜେନା, ହରିହର ପଣ୍ଡା, ମନୋଜ ମଲ୍ଲ, ପ୍ରାକ୍ତନ ସରପଞ୍ଚ ହେମନ୍ତ ନାୟକ ଓ ଅଜୟ ମଲ୍ଲ ପ୍ରମୁଖ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ସ୍ୱାଧୀନତା ସଂଗ୍ରାମୀ ଶହୀଦ ମାୟାଧର ଭୂୟାଁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଉଛି।

## ଶକ୍ତି ପ୍ରଦର୍ଶନକଲେ ରାଜନାରାୟଣ

**ବଡ଼ଚଣା ପ୍ରଗତି ମଞ୍ଚ ବ୍ୟାନରରେ କଲେ ସାଧାରଣ ସଭା**

**ଚଣ୍ଡିଖୋଲ/ବଡ଼ଚଣା,୨୯।୨(ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ କୁମାର ମହାନ୍ତି):** ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ସମସ୍ତେ ଶକ୍ତି ପ୍ରଦର୍ଶନ ପାଇଁ ଲାଗି ପଡ଼ିଛନ୍ତି। ଗତ କିଛି ଦିନ ହେବ ଯାଜପୁର ଜିଲାର ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ପାଣିପାଗ ବେଶ ସରଗରମ ହୋଇଛି। ଏହାମଧ୍ୟରେ ପିସିସି ସମ୍ପାଦକ କ୍ୟାପଟେନ ରାଜନାରାୟଣ ମହାପାତ୍ର ଗୁରୁବାର ବଡ଼ଚଣା ପ୍ରଗତି ମଞ୍ଚ ଗଠନ କରି ବିନା ପତାକା ଓ ବିନା ଦଳୀୟ ବ୍ୟାନରରେ ଏକ ସାଧାରଣ ସଭା କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ବଡ଼ଚଣା ପ୍ରଗତି ମଞ୍ଚ ବ୍ୟାନରରେ ବଡ଼ଚଣା ମହୋତ୍ସବ ପଡ଼ିଆରେ ଏହି ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମଞ୍ଚ କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜନାରାୟଣ ମୁଖ୍ୟଅତିଥି



ସଭାରେ ଉପସ୍ଥିତ ପ୍ରଗତି ମଞ୍ଚର କର୍ମକର୍ତ୍ତା ଓ ଅନ୍ୟମାନେ।

ଭାବରେ ଯୋଗଦେଇ ସିଧାସିଧା ବଡ଼ଚଣା ବିଧାୟକଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ ବଡ଼ଚଣା ସଂଲଗ୍ନ ମାହାଙ୍ଗା ଓ ଧର୍ମଶାଳା ନିର୍ବାଚନମଣ୍ଡଳୀକୁ ଦେଖନ୍ତୁ ସେଠାରେ ଯେଉଁ ବିକାଶ ହୋଇଛି ତାହା ବଡ଼ଚଣାରେ ହୋଇନାହିଁ। ବିକାଶ ନାମରେ ବ୍ୟାପକ ଅର୍ଥ ହରିଲୁଟ ହୋଇଛି। ଏହି ବ୍ଲକରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ସେଥିପାଇଁ ପୂର୍ବ ବିଡିଓଙ୍କ ନାମରେ ପ୍ରୋସିଡିଂ ଆରମ୍ଭ ହୋଇଯାଇଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଓ ଜଗନ୍ନାଥ ରଥ ପରିକ୍ରମାରେ ଏଠାରେ ବ୍ୟାପକ ଅନିୟମିତତା ହୋଇଛି। ତେଣୁ ଆଗାମୀ ଦିନରେ ଏଠାରୁ ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ହଟାଇବାକୁ ସେ କର୍ମୀଙ୍କୁ କହିଥିଲେ। ଏଥିସହିତ ଆଜି ପର୍ଯ୍ୟନ୍ତ ଜିଲା ମାନ୍ୟତା ଦାବିହୋଇ ଆସୁଥିବାବେଳେ ଏବେ ଚଣ୍ଡିଖୋଲକୁ ଏନ୍‌ଏସି ଘୋଷଣା କରାଯାଇଛି। ଶେଷରେ ବଡ଼ଚଣାରୁ ୨ ଅମରଙ୍କୁ ହଟାଇବାକୁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ନିରଞ୍ଜନ ବିଶ୍ୱାଳ ସଭା ସଞ୍ଚାଳନ କରିଥିଲାବେଳେ ମଞ୍ଚରେ ଉପସଭାପତି ଦୀନବନ୍ଧୁ ମହାରଣା, ସମ୍ପାଦକ କୃପାସିନ୍ଧୁ ବିଶ୍ୱାଳ ଓ ବିଜୟାନନ୍ଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ସଂଖ୍ୟାରେ କର୍ମୀ ବଡ଼ଚଣା ଛକଠାରୁ ଆସି ସଭାରେ ଯୋଗଦେଇଥିଲେ। ଅନ୍ୟପକ୍ଷରେ ସେ ଗତ କିଛି ଦିନ ହେଲା ବିଭିନ୍ନ ଦଳର କର୍ମୀଙ୍କୁ ଆଣି କଂଗ୍ରେସରେ ସାମିଲ କରୁଛନ୍ତି। ଏହାଭିତରେ କଂଗ୍ରେସ ପତାକା କିମ୍ବା ବ୍ୟାନର ନ ଥାଇ ସଭା କରିବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଆଗାମୀ ୨ ସପ୍ତାହ ମଧ୍ୟରେ ଏହାର ସ୍ପଷ୍ଟ ଚିତ୍ର ମିଳିବ ବୋଲି ପରୋକ୍ଷରେ ସେ ସୂଚନା ଦେଇଛନ୍ତି।

## ଘର ଉପରେ ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ୍



ଆଳି,୨୯।୨(ବନମାଳୀ ସେନାପତି)

ଆଳି ଥାନା ଅନ୍ତର୍ଗତ କଳସପୁର ଗ୍ରାମର ନାରାୟଣ ସାହୁଙ୍କ ଘର ଉପରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଓଲଟି ପଡିବାରୁ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ସୂଚନା ଅନୁଯାୟୀ, କଳସପୁର ପଞ୍ଚାୟତ ଅଫିସ ସାମ୍ନାରେ ମେଗା ଜଳ ଯୋଗାଣ ପ୍ରକଳ୍ପ ଚାଲିଥିବା ବେଳେ ଗୁରୁବାର ପ୍ରକଳ୍ପ ସାମ୍ନାରେ ନଂ. ଓଆର ୦୫ ଏଏଚ ୭୪୩୧ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଓଲଟି ପଡିଥିଲା। ଟ୍ରକଟି ନାରାୟଣ ସାହୁଙ୍କ ଘର ଉପରକୁ ମାଡି ଯିବାରୁ ତାଙ୍କ ରୋଷେଇ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଏହି ସମୟରେ ରୋଷେଇ ଘରେ କେହି ନ ଥିଲେ। କ୍ଷତିଗ୍ରସ୍ତ ପରିବାର ଆଳି ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଏହି ଘଟଣା ପରେ ଟ୍ରକ୍ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି।

# ଭୟରେ ଦିନ କାଟୁଛନ୍ତି ୫ ମୌଜାର ବାସିନ୍ଦା

ପଟ୍ଟାମୁଣ୍ଡାଇ,୨୯।୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଧୋଇଆଞ୍ଚଳରେ ଗତବର୍ଷ ବ୍ରାହ୍ମଣୀ ଓ କାଣୀନଦୀରେ ଆସିଥିବା ବନ୍ୟାରେ ଅଳପୁଆ ପଞ୍ଚାୟତର ଅଳପୁଆ, ଦାମୋଦରପାଟଣା, ରାମନାଏକଡିଆ, ସୁବଳପୁର, ମଣିରାମପୁର ପ୍ରଭୃତି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ନଦୀବନ୍ଧ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପ୍ରାୟ ଦେଢ଼ କିମି ନଦୀବନ୍ଧର ବିଭିନ୍ନ ସ୍ଥାନରେ ମାଟି ଅତଡ଼ା ଖସିବାରେ ଲାଗିଛି। ଫଳରେ ଏହି ନଦୀତଟ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ବସବାସ କରୁଥିବା ୫ ମୌଜାର ଲୋକ ଆତଙ୍କିତ ହୋପଡ଼ିଛନ୍ତି। ନଦୀବନ୍ଧର ସୁଦୃଢ଼ୀକରଣ ପଥର ପ୍ୟାକିଂ ଓ ବୁରୁଜ ନିର୍ମାଣ ନ ହେଲେ ଆଗାମୀ ଦିନରେ ବ୍ୟାପକ ସ୍ଥଳଭାଗ ନଦୀଗର୍ଭକୁ ଚାଲିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ଆଳିତଟ ବନ୍ଧବାଡ଼ ବିଭାଗରେ ବାରମ୍ବାର ଦାବିକରିଆସୁଛନ୍ତି। ମାତ୍ର ବିଭାଗ କାମ କରିବାକୁ ପ୍ରତିଶ୍ରୁତି ଦେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସାମାଜିକ କର୍ମୀ ନରେନ୍ଦ୍ର ଧଳ, ସନ୍ଦୀପ ମହାଳି କହିଛନ୍ତି, ବ୍ରାହ୍ମଣୀ ନଦୀକୂଳରେ



ନଦୀ ବନ୍ଧରୁ ପଥର ପ୍ୟାକିଂ ଖସୁଛି।



ନଦୀ କୂଳ ଖାଉଥିବାରୁ ବିପଦରେ ଥିବା ୪୦ ପରିବାର।

### ବିପଦସଙ୍କୁଳ ଅବସ୍ଥାରେ ବ୍ରାହ୍ମଣୀ ନଦୀବନ୍ଧ

ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଅଳପୁଆ ପଞ୍ଚାୟତର ୫ଟି ଗାଁ ରହିଛି। ପ୍ରତିବର୍ଷ ବନ୍ୟା ପରେ ନଦୀକୂଳ ଖାଇ ଅତଡ଼ା ଖସିବା ଯୋଗୁ ଏହି ଗ୍ରାମଗୁଡ଼ିକ ପ୍ରତି ବିପଦ ଘନାଉଛି। ବନ୍ୟା ସମୟରେ ଏସବୁ ଗାଁର ପାଖାପାଖି ଦେଢ଼ ହଜାର ଲୋକଙ୍କ ଆଖିରୁ ନିଦ ହଜିଯାଇଥାଏ। ବିଶେଷକରି ସୁବଳପୁରଠାରୁ ବିଦ୍ରୁପା ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିମି ବ୍ୟାପୀ ମନେଇଘାଇ ବାରମ୍ବାର ଭାଙ୍ଗିଲାଣି। ଏଥିଯୋଗୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଆଳି ତଟବନ୍ଧ ବିଭାଗ ଅଧୀନରେ ଥିବା ବ୍ରାହ୍ମଣୀ ଘେରିବନ୍ଧର ବାମପାର୍ଶ୍ୱ ସୁଦୃଢ଼ କାମ ବର୍ଷାଋତୁ ପୂର୍ବରୁ ଏକାନ୍ତ ଜରୁରୀ ହୋଇପଡ଼ିଛି। ନଦୀକୂଳ ଅତଡ଼ା ଖାଇବା ଅଧିକ ବିପଦ ସୃଷ୍ଟି କରୁଛି। ଗ୍ରାମବାସୀ ରଞ୍ଜିତ ନାୟକ, ରଶ୍ମିକାନ୍ତ ବେହେରା, କିଶୋର ରାଉତ କହିଛନ୍ତି, ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱ ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ଅଧୀନରେ ଥିବାରୁ ବନ୍ଧକୁ ପଥର ପ୍ୟାକିଂ କରାଯାଇ ସୁଦୃଢ଼ କରାଯାଉଛି। ମାତ୍ର ବାମପାର୍ଶ୍ୱ ନଦୀବନ୍ଧ ଆଳି ତଟବନ୍ଧ ବିଭାଗ ଅଧୀନରେ ଥିବାରୁ ଏଠାରେ ସେପରି କୌଣସି ପଦକ୍ଷେପ ନିଆଯାଉନାହିଁ। ଏହି ନଦୀର ବାମପାର୍ଶ୍ୱରୁ ବେଆଇନ ଭାବେ ଦୈନିକ ଶତାଧିକ ଟ୍ରକ୍ ବାଲି ଉଠାଣ ହେଉଛି। ବାଲି ଉଠାଣ ଯୋଗୁ ନଦୀବନ୍ଧ ଦୁର୍ବଳ ହେବାରେ ଲାଗିଛି। ଏ ସମ୍ପର୍କରେ ବାରମ୍ବାର ତହସିଲଦାରଙ୍କୁ ଅଭିଯୋଗ କରିବା ସହ ଗଣଧାରଣା ମଧ୍ୟ ଦିଆଯାଇଥିଲା। ହେଲେ କେବଳ ପ୍ରତିଶ୍ରୁତି ମିଳିଛି, କିନ୍ତୁ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ବନ୍ଧ ନଷ୍ଟ ହେବା ସହ ବନ୍ୟା ସମୟରେ ନଦୀବନ୍ଧ ଭାଙ୍ଗି ଲୋକଙ୍କ ଜୀବନ ଓ ଜୀବିକା ନଷ୍ଟ ହେଉଛି। ତେଣୁ ଏଥିପାଇଁ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନ କରିବେ। ସେହିପରି ଦେବାଶିଷ ଧଳ, ସୁକାନ୍ତ ରାଉତ କହିଛନ୍ତି, ଲଗାଣ ବର୍ଷା ହେଲେ ବ୍ରାହ୍ମଣୀ ନଦୀ ଫୁଲୁଥିବା ବେଳେ କୂଳ ଖାଇ ମାଟି ଅତଡ଼ା ଖସୁଛି। ନଦୀ ଗତିପଥ ପରିବର୍ତ୍ତନ କରି ଗାଁ ଆଡ଼କୁ ମାଡ଼ି ମାଡ଼ି ଆସୁଛି। ଫଳରେ ଲୋକଙ୍କ ଘରଦ୍ୱାର, ଚାଷଜମି ଲୀନ ହେବାକୁ ବସିଲାଣି। ସୁବଳପୁର ଗାଁର ୪୦ ପରିବାରଙ୍କ ଡିହ ପାଖକୁ କୂଳ ଖାଇ ମାଡ଼ି ଆସିଲାଣି। ଅଧିକାଂଶ ଲୋକଙ୍କ ଜୀବିକା ଚାଷ ହୋଇଥିଲେ ବି ନଦୀ କୂଳ ଖାଉଥିବାରୁ ଜମିକୁ ପଡ଼ିଆ ପକାଇଛନ୍ତି। କିଛିବର୍ଷ ତଳେ ଗାଁଠାରୁ ନଦୀ ୩୦୦ ମିଟର ଦୂରରେ ଥିବାବେଳେ ୨ ବର୍ଷ ହେଲା ମାଟି ଧସି ୩୦ ମିଟରରେ ପହଞ୍ଚିଛି। ଗ୍ରାମବାସୀ ଗଗନ ମହାଲିକ, ଚନ୍ଦନ ସାହୁ, ରିତ ନାୟକ, ରବୀନ୍ଦ୍ର ଜେନା, ଅଭୟ ଦାସ, ପ୍ରଶାନ୍ତ ପଣ୍ଡା, ପଦ୍ମନାଭ ନାୟକ ପ୍ରମୁଖ କହିଛନ୍ତି, ବ୍ରାହ୍ମଣୀ ନଦୀରେ ବନ୍ୟା ଆସିଲେ ବନ୍ୟା ନିରୋଧକ ବନ୍ଧ ଭିତରେ ବସବାସ କରୁଥିବା ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ମନେଇଘାଇ ଭାଙ୍ଗିବା ଘଟଣା ଲୋକଙ୍କ ମନରୁ ଲିଭିନାହିଁ। ମନେଇଘାଇ ବନ୍ଧ ଭାଙ୍ଗି ଏଠାରେ ବ୍ୟାପକ କ୍ଷତି ଘଟାଇଥିଲା। କେନ୍ଦ୍ରୀୟ ଟିମ୍ ପରିଦର୍ଶନରେ ଆସି ତୁରନ୍ତ ଏହାର ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାର ମରାମତି ଏଯାବତ୍ ଆରମ୍ଭ ହେଲା ନାହିଁ। ଆଳି ତଟବନ୍ଧ ବିଭାଗ ଅଧୀନରେ ଥିବା ବ୍ରାହ୍ମଣୀ ଘେରିବନ୍ଧ ମରାମତି ତୁରନ୍ତ ହେବା ଦରକାର। ନଦୀକୂଳରୁ ଅତଡ଼ା ଖାଇବା ଘଟଣା ଅଧିକ ବିପଦ ସୃଷ୍ଟି କରୁଛି। ଏ ସମ୍ପର୍କରେ ଆଳି ତଟବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ ଦାଶଙ୍କୁ ପଚାରିବାରେ ଏଭଳି ଘଟଣା ସଂକ୍ରାନ୍ତରେ ଅବଗତ ନାହିଁ। ଏହି କାର୍ଯ୍ୟ ପାଇଁ ଏସ୍‌ଡିଓଙ୍କୁ କହିବି, ବ୍ୟୟ ବରାଦ କରାଯାଇ କାର୍ଯ୍ୟ ହାତକୁ ନିଆଯିବ ବୋଲି ସେ କହିଛନ୍ତି।

## ନିର୍ଦ୍ଦେଶକଙ୍କ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ୍ ପରିଦର୍ଶନ



ଗ୍ରୁପ୍‌ର ସଦସ୍ୟଙ୍କ ସହ ଓରମାସ ନିର୍ଦ୍ଦେଶକ ବୁହା ପୁନମ ତାପସ କୁମାର।

ଡେରାବିଶ,୨୯।୨(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ ଗୋଲରାହାଟସ୍ଥିତ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପକୁ ଓର୍‌ମାସର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବୁହା ପୁନମ ତାପସ କୁମାର ପରିଦର୍ଶନ କରି ଫେରି ଯାଇଛନ୍ତି। ଗ୍ରୁପ ଦ୍ୱାରା ପ୍ରସ୍ତୁତ ଏମ୍ବ୍ରୋଡୋରୀ, ପିଲାଙ୍କ ପାଇଁ ଡ୍ରେସ୍ ମେଟେରିଆଲ୍ ସହ ଅନ୍ୟ ଘର କରଣା ସାମଗ୍ରୀକୁ ନିର୍ଦ୍ଦେଶକ କୁମାର ଦେଖି ଅଭିଭୂତ ହୋଇଥିଲେ। ପରିଦର୍ଶନ କରିବାକୁ ଆସିଥିବା କୁମାରଙ୍କୁ ଗ୍ରୁପର ସଭାନେତ୍ରୀ ଲେସାତୁନ ବିବି, ସମ୍ପାଦିକା ରେଶମ ବେଗମ୍, କର୍ମକର୍ତ୍ତା ରିଜୁଆନା ପରବିନ୍, ଇପ୍‌ସା ବେହେରା, ରଶ୍ମିତା ଜେନା, ସଫିନ ବେଗମ ପ୍ରମୁଖ ସ୍ୱାଗତ ଜଣାଇବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଗ୍ରୁପର ଉତ୍ପାଦିତ ସାମଗ୍ରୀର ଚାହିଦା ବଢ଼ାଇବା ପାଇଁ ଅତ୍ୟାଧୁନିକ ମେଶିନ୍, ଏକ ଇଣ୍ଡଷ୍ଟ୍ରିଆଲ ପାର୍କ ସହ ଅନ୍‌ଲାଇନ ମାଧ୍ୟମରେ ସାମଗ୍ରୀର ବିକ୍ରୟ ପାଇଁ ବ୍ୟବସ୍ଥା କରାଯିବାକୁ ପଦକ୍ଷେପ ନେବେ ବୋଲି ନିର୍ଦ୍ଦେଶକ କୁମାର କର୍ମକର୍ତ୍ତାଙ୍କୁ ଜଣାଇଥିଲେ। କୁମାରଙ୍କ

### ଅତ୍ୟାଧୁନିକ ଯନ୍ତ୍ରାଂଶ, ବ୍ୟବସାୟ ପାଇଁ କ୍ଷେତ୍ର ପ୍ରସ୍ତୁତି ନେଇ ଆଲୋଚନା

ସହ ଓର୍‌ମାସ୍ କେନ୍ଦ୍ରାପଡ଼ା ଜିଲା ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ନିରୋଦ ଜେନା, ଜିଲା ସଂଯୋଜିକା ମୋନାଲିସା ନାୟକ, ଜିଲା ବିଜ୍‌ନେସ୍ ମ୍ୟାନେଜର ମାନସ କୁମାର ଜେନା, କେନ୍ଦ୍ରାପଡ଼ା ଏବିଡିଓ ଅନିରୁଦ୍ଧ ବେହେରା ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମିଶନ ଶକ୍ତି ଦ୍ୱାରା ପରିଚାଳିତ ଏହି ଗ୍ରାମୀଣ ଗ୍ରୁପ ଦ୍ୱାରା ପ୍ରସ୍ତୁତ ଏମ୍ବ୍ରୋଡୋରୀ କାର୍ଯ୍ୟ ଜିଲା ରାଜ୍ୟ ଓ ରାଜ୍ୟ ବାହାରେ ଲୋକାଦୃତ ହୋଇଥିବା ବେଳେ ଏହି ଗ୍ରୁପକୁ ପ୍ରୋତ୍ସାହନ ଦେବାକୁ ସରକାରଙ୍କ ପକ୍ଷରୁ ପଦକ୍ଷେପ ପାଇଁ ଉଚ୍ଚ ଅଧିକାରୀଙ୍କୁ ସୁପାରିଶ କରାଯାଇଥିବା ବିଡିଓ ଦାଶରଥି ଜେନା ସୂଚନା ଦେଇଛନ୍ତି। ଜାନୁଆରୀରେ ରାଜ୍ୟପାଳ ରଘୁବୀର ଦାସ ଓ ୨୦୨୩ ଏପ୍ରିଲରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଓ ପରେ ମିଶନଶକ୍ତିର ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ଗ୍ରାମୀଣ ଗ୍ରୁପକୁ ପରିଦର୍ଶନ କରିବା ସହ ସଦସ୍ୟାମାନଙ୍କୁ ପ୍ରୋତ୍ସାହିତ କରିଥିଲେ।

## ଜଳ ଯୋଗାଣ ବନ୍ଦ ଧାରଣାରେ ବସିଲେ ଲୋକେ

### ବକେୟା ଅର୍ଥ ପାଇଁ ବିଦ୍ୟୁତ୍ ସଂଯୋଗ କାଟିଦେଲେ

ରାଜକନିକା, ୨୯।୨
(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଅଧୀନ ହାଟସାହି ପଞ୍ଚାୟତରେ ବକେୟା ବିଲକୁ ନେଇ ବିଦ୍ୟୁତ୍ ସଂଯୋଗ କାଟି ଦିଆଯିବା ଫଳରେ ପାଇପ୍ ଦ୍ୱାରା ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଏହାର ପ୍ରତିବାଦ କରି ଗୁରୁବାର ସରପଞ୍ଚଙ୍କ ସହ ଅଞ୍ଚଳବାସୀ ଓଳାଭର ବିଦ୍ୟୁତ୍ ସେକସନ କାର୍ଯ୍ୟାଳୟରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି।

ହାଟସାହିରେ ଥିବା ପାଇପ ଜଳ ଯୋଗାଣ ଲାଗି ବିଦ୍ୟୁତ୍ ଦେୟ ପାଖାପାଖି ୧ ଲକ୍ଷ ୯୨ ହଜାର ଟଙ୍କା ବକେୟା ଥିଲା। ଏହାକୁ ନେଇ ଓଳାଭର ବିଦ୍ୟୁତ୍ ସେକସନ କାର୍ଯ୍ୟାଳୟ ପକ୍ଷରୁ ପଞ୍ଚାୟତକୁ ଏକ ତାଗିଦ୍ ନୋଟିସ ଜାରି କରାଯାଇଥିଲା। ନୋଟିସ ପାଇବା ପରେ ପଞ୍ଚାୟତ ପକ୍ଷରୁ ପର୍ଯ୍ୟାୟକ୍ରମେ ୧ଲକ୍ଷ ୬୦ହଜାର ଟଙ୍କା ଗତ ୨୭ତାରିଖ ଅନ୍‌ଲାଇନ ମାଧ୍ୟମରେ ପଇଠ କରାଯାଇଥିଲା। ଅବଶିଷ୍ଟ ବକେୟା ମାର୍ଚ୍ଚ ୧୦ ତାରିଖରେ ପଇଠ କରାଯିବାକୁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇ ଜଳ ଯୋଗାଣ ପାଇଁ ପୁନଃ ବିଦ୍ୟୁତ ସଂଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ହେଲେ ତିନିଦିନ ବିତିଯାଇଥିଲେ ବି ବିଦ୍ୟୁତ ସଂଯୋଗ କରାଯାଇ ନ ଥିବା ନେଇ ଗୁରୁବାର ସରପଞ୍ଚ ସୀତାରାଣୀ ଦାସଙ୍କ ସମେତ ଅଞ୍ଚଳର ଶତାଧିକ ମହିଳାପୁରୁଷଙ୍କ





ବିଦ୍ୟୁତ୍ କାର୍ଯ୍ୟାଳୟରେ ଧାରଣା ଦେଇଥିବା ସରପଞ୍ଚ ଓ ଅନ୍ୟମାନେ।

ମଧ୍ୟରୁ ରତ୍ନମାଳା ବିଶ୍ୱାଳ, ସରୋଜିନୀ ବିଶ୍ୱାଳ, ନିରୁପମା ନାୟକ, ଶାନ୍ତିଲତା ବାରିକ, ବ୍ରହ୍ମାନନ୍ଦ ମଲିକ, ସନ୍ତୋଷ ନାୟକ, ବିନୋଦ ନାୟକ, ରବୀନ୍ଦ୍ର ବଳ, ପ୍ରଣୟ ନାୟକ, ଝରଣା ରାଉତ, ଅଲିଭା ରାଉତ, ନିରୁପମା ନାୟକ, ଶୈଳେନ୍ଦ୍ର ବିଶ୍ୱାଳ ଓ ବଳରାମ ବିଶ୍ୱାଳ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ଜେଇ ସୌମ୍ୟରଞ୍ଜନ ସାହୁଙ୍କୁ ପଚାରିବାରେ ପଞ୍ଚାୟତର ବିଦ୍ୟୁତ୍ ବିଲ ବକେୟା ଥିବା ହେତୁ ଆମେ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲୁ। ସ୍ମାର୍ଟ ମିଟର ଥିବାରୁ ପଞ୍ଚାୟତ ପେମେଣ୍ଟ ସୋ କରି ନ ଥିଲା। ହେଲେ ସନ୍ଧ୍ୟା ସୁଦ୍ଧା ବିଦ୍ୟୁତ୍ ସଂଯୋଗ କରିଯିବ। ହେଲେ ବକେୟା ରାଶି ଆସନ୍ତା ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ପରିଶୋଧ ନ କଲେ ପୁନଃ ସଂଯୋଗ ବିଚ୍ଛିନ୍ନ କରିଯିବ ବୋଲି ସେ କହିଥିଲେ। ସନ୍ଧ୍ୟାରେ ବିଦ୍ୟୁତ୍ ସଂଯୋଗ କରାଯାଇଛି ଓ ଅଞ୍ଚଳର ଜଳ ବିନା ହଇରାଣ ହେଉଥିବା ୧୨ଶହରୁ ଊର୍ଦ୍ଧ୍ୱ ଲୋକ ଆଶ୍ୱସ୍ତି ହୋଇଥିବା ସରପଞ୍ଚ ଦାସ କହିଛନ୍ତି।

## ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସହାୟତା ରାଶି ବଣ୍ଟନ

ଆଳି,୨୯।୨ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ନିଆଳ ପଞ୍ଚାୟତ ନିଆଳ ଖେଳ ପଡିଆରେ ନୂତନ ଓ ବର୍ଦ୍ଧିତ ଭତ୍ତା, ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଦୁଇଟି ଝୋଟ ବ୍ୟାଗ ସହିତ ୧ ହଜାର ଟଙ୍କା ବଣ୍ଟନ କରାଯାଇଛି। ଏଥିସହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ୟୁନିଫର୍ମ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶକ୍ତି, ଶିଳ୍ପ ଲଘୁଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଦେବ ନିଆଳ, ମେଣ୍ଟପୁର, ଦେମାଳ, ଟୁଙ୍ଗା, କଳସପୁର, ଭୂଇଁପୁର, ପଦନୀପାଳ, ଦଶିପୁର ପଞ୍ଚାୟତର ହିତାଧିକାରୀମାନଙ୍କୁ ନୂତନ ଓ ବର୍ଦ୍ଧିତ ଭତ୍ତା ବଣ୍ଟନ କରିବା ସହ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଦୁଇଟି ଝୋଟ ବ୍ୟାଗ ଓ ୧ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ଅଟାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଟାଳ, ବଡାମ୍ବିଳା, ବାଳକାଟି, ମହୁ, କୋଳିଡିହ, ଏକମାଣିଆ ପଞ୍ଚାୟତର ହିତାଧିକାରୀଙ୍କୁ ମନ୍ତ୍ରୀ ଦେବ ଭତ୍ତା ସହ ବ୍ୟାଗ ଓ ଏସ୍‌ଏଚଜି ସଦସ୍ୟଙ୍କୁ ସହାୟତା ରାଶି ବଣ୍ଟନ କରିଥିଲେ। ଶେଷରେ ଏସଏଚଜିର ସଦସ୍ୟାମାନଙ୍କ ୟୁନିଫର୍ମ ବାବଦରେ ସହାୟତା ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଉପାଧ୍ୟକ୍ଷ ମିନତି ବାରିକ, ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଖାଦ୍ୟ ଯୋଗାଣ ଅଧିକାରୀ ପୁନମ ଜେନା, ସାମାଜିକ ସୁରକ୍ଷା ବିଭାଗର ଅର୍ପିତା ସାମଲ ଯୋଗ ଦେଇଥିଲେ। ଅଟାଳ ସରପଞ୍ଚ ପ୍ରତିନିଧି ଅଚ୍ୟୁତାନନ୍ଦ ବଳ, ବଡାମ୍ବିଳା ସରପଞ୍ଚ ସଚଳା ମହି, ମହୁ ସରପଞ୍ଚ ମହେଶ୍ୱର ତ୍ରିପାଠୀ, କୋଳିଡ଼ିଅ ସରପଞ୍ଚ ହେମନ୍ତ ଧଳ, ନିଆଳ ସରପଞ୍ଚ ଅଶୋକ ମଲିକ, ଟୁଙ୍ଗା ସରପଞ୍ଚଙ୍କ ପ୍ରତିନିଧି ପ୍ରୀତିରଞ୍ଜନ ପୁହାଣ, ଦେମାଳ ସରପଞ୍ଚ ରୀତାରାଣୀ ପରିଡା, ମେଣ୍ଟପୁର ସରପଞ୍ଚ ପ୍ରତିନିଧି ସେକ୍ ସୋପାନ, ପଦନିପାଳ ସରପଞ୍ଚ ବିକ୍ରମ ମଲିକ, କଳସପୁର ସରପଞ୍ଚ ସୁଧୀର ମଲିକ, ଭୁଇଁପୁର ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ପାତ୍ର, ଦଶିପୁର ସରପଞ୍ଚ ପ୍ରଦ୍ୟୋତ ମହାନ୍ତି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାତେରା, ଗରାଣି ଗଛ ଚେର ଚୋରି: ୪ ଗିରଫ



ଗଛ ଚେର ଚୋରି କରି ଗିରଫ ହୋଇଥିବା ୪ ଅଭିଯୁକ୍ତ।

ରାଜନଗର, ୨୯।୨(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ବିରଳ ବାତେରା ଓ ଗରାଣି ଗଛର ହେଉଛି ଚୋରା ଚାଲାଣ। ଏହି ଗଛର ଲତା ଓ ଗଣ୍ଠିକୁ ପାଣିରେ ବୁଡାଇ ରଖିବା ପରେ ଓଦା ଗଣ୍ଠିରେ ଚନ୍ଦନ ସେଣ୍ଟ ଦେଇ ଏହାକୁ ଚନ୍ଦନ କାଠ କହି ବିକ୍ରି କରାଯାଉଛି। ସେଥିପାଇଁ ଭିତରକନିକା ଜାତୀୟ ଉଦ୍ୟାନରେ ଅତି ଅଳ୍ପ ସଂଖ୍ୟାରେ ଏହି ଦୁଇଟି ପ୍ରଜାତିର ଲୁଣା ଜାତୀୟ ଗଛ ଥିବା ବେଳେ ଏହାକୁ ଚନ୍ଦନ କାଠ କହି ବିକ୍ରି କରିବାକୁ ଏହାର ଚୋରା ଚାଲାଣ କରାଯାଉଛି। ଗୁରୁବାର ସକାଳେ ଭିତରକନିକା ଜାତୀୟ ଉଦ୍ୟାନର କାଳିଭଞ୍ଜଡିଆ ସଂରକ୍ଷିତ ଜଙ୍ଗଲରୁ ବାତେରା ଓ ଗରାଣି ଗଛର ଚେରକୁ କାଟି ଯନ୍ତ୍ରଚାଳିତ ବୋଟରେ ନେଉଥିବା ବେଳେ

### ଗଛ ଚେରରେ ଚନ୍ଦନ ବାସ୍ନା ଦେଇ ବିକ୍ରି କରୁଛନ୍ତି ଦୁର୍ବୃତ୍ତ

ବନ ବିଭାଗ ଟିମ ପହଞ୍ଚି ୪ଜଣଙ୍କୁ ଗିରଫ କରିଛି। ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ଫରେଷ୍ଟଗାର୍ଡ ସୁନୀଲ ରଞ୍ଜନ ରାଉତରାୟ, ବବୁଲ କୁମାର ପରିଡା, କଳ୍ପତରୁ ସେଠୀ, ଗୋରାଚାନ୍ଦ ସିଂ, ସତୀଶ ଲାକ୍ରା ପ୍ରମୁଖ କାଳିଭଞ୍ଜଡିଆରେ ପହଞ୍ଚି ଯନ୍ତ୍ର ଚାଳିତ ବୋଟ ଜବତ କରିବା ସହ ବୋଟରେ ଥିବା ୨୬ ବସ୍ତା ବାତେରା ଓ ୨୪ ବସ୍ତା ଗରାଣି ଗଛର ଚେର ଓ କାଠ ଜବତ କରିଛନ୍ତି। ବୋଟରେ ଥିବା ପଟ୍ଟାପାରିଆ ଗାଁର ସୁବାସ ପାତ୍ର, ଗୁରୁପଦ ପାତ୍ର, ଚଡଦିଆ ଗାଁର କାର୍ତ୍ତିକ ମାଳି, ବାଙ୍କୁଆଳର ଅଭୟ ଦଳାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ୧୯୭୨ ବନ୍ୟପ୍ରାଣୀ ଆଇନର ଦଫା ୧୭ଏ, ୨୧, ୨୯, ୩୦, ୩୧ ଏବଂ ଓଡିଶା ଫରେଷ୍ଟ ଆକ୍ଟ ୧୯୭୨ର ଧାରା ୫୬, ଓଡ଼ିଶା ଟିମ୍ବର ଆଣ୍ଡ ଟ୍ରାଂଜିଟ ରୁଲ ୧୯୮୦ର ଧାରା ୫ ଓ ୧୨ରେ ମାମଲା ରୁଜୁ ହୋଇଥିବା ଏସିଏଫ୍ ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଭିତରକନିକା ଜାତୀୟ ଉଦ୍ୟାନରେ ଏହି ବାତେରା ଓ ଗରାଣି ଜାତୀୟ ଗଛ ଖୁବ୍ କମ୍ ସଂଖ୍ୟାରେ ଅଳ୍ପ କେତୋଟି ଫରେଷ୍ଟ ବ୍ଲକ ମଧ୍ୟରେ ଦେଖାଯାଏ। ଜାତୀୟ ଉଦ୍ୟାନ ମଧ୍ୟରେ ଏହି ଗଛର ସଂଖ୍ୟା ମଧ୍ୟ ସୀମିତ। ଏହି ଦୁଇଟି ଗଛର ଚେରକୁ ତାଡ଼ି ଅଭିଯୁକ୍ତମାନେ ଜାତୀୟ ଉଦ୍ୟାନ ମଧ୍ୟରୁ କାଟି ଚନ୍ଦନ ବାସ୍ନା ଦେଇ ଚୋରା ଚାଲାଣ କରିଥାନ୍ତି।

## ବିଭିନ୍ନ ପଞ୍ଚାୟତରେ ଖୋଲିଲା ଆମ ବ୍ୟାଙ୍କ

ଆଳି/ମାର୍ଶାଘାଇ/ପାଟକୁରା,୨୯।୨
(ବନମାଳୀ ସେନାପତି/ ଶୁଭେନ୍ଦୁ ପ୍ରସାଦ ଚୌଧୁରୀ/ ରବୀନ୍ଦ୍ର ନାଥ ବାରିକ)

ଗ୍ରାମାଞ୍ଚଳର ଲୋକମାନଙ୍କୁ ହାତ ପାହାନ୍ତାରେ ବ୍ୟାଙ୍କିଙ୍ଗ ସୁବିଧା ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ବ୍ୟାଙ୍କ ବିହୀନ ପଞ୍ଚାୟତରେ ଆମ ବ୍ୟାଙ୍କ ଖୋଲିବାର ବ୍ୟବସ୍ଥା କରିଛନ୍ତି। ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ବ୍ୟାଙ୍କଗୁଡିକୁ ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆଳି ବ୍ଲକର ଅରଗଳ, ଚଣ୍ଡିଆଗଡି, ସାନମଙ୍ଗ, ନୂଆପଡା, ବାଳକାଟି ପଞ୍ଚାୟତରେ ଆମ ବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି। ଅରଗଳ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ,ବିଜୁ ଯୁବ ଜନତା ଦଳ ସଭାପତି କେଦାରନାଥ ବେହେରା, ସରପଞ୍ଚ ପ୍ରତିନିଧି ନିରଞ୍ଜନ ସାହୁଙ୍କ ସମେତ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସିଆର୍‌ପି, ଏମ୍‌ବିକେମାନେ ଉପସ୍ଥିତ ଥିଲେ। ସେହିପରି ଚଣ୍ଡିଆଗଡିରେ ସରପଞ୍ଚ ସନାତନ ସାହୁ, ସମିତିସଭ୍ୟ ରାମଚନ୍ଦ୍ର ଦାସ, ସାନମଙ୍ଗରେ ସରପଞ୍ଚ ହେମଲତା ସେଠୀ, ସମିତିସଭ୍ୟ ପ୍ରଣତି ମଲ୍ଲିକ, ନୂଆପଡା ସରପଞ୍ଚ ଗୀତାଞ୍ଜଳି ବେହେରା, ସମିତିସଭ୍ୟ ବବିତା ବେହେରା, ବାଳକାଟି ପଞ୍ଚାୟତରେ ସରପଞ୍ଚ ସୁକାନ୍ତି ପରିଡା, ସମିତିସଭ୍ୟ ବିପିନ ସାହୁ ପ୍ରମୁଖଙ୍କ ଉପସ୍ଥିତରେ ବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି।

ସେହିପରି ମାର୍ଶାଘାଇ ବ୍ଲକର ହିନ୍ଦୁଳିଆ, ମଣିକୁଣ୍ଡା, ଦଶିପୁର, ବେରୁହାଁ, ମଙ୍ଗରାଜପୁର, ରାଘବପୁର, ବଛରାଇ, ଜଳପକ ଓ ଆଖୁଆ ଦକ୍ଷିଣୀ ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଆମ ବ୍ୟାଙ୍କରେ ୧୫ଟି ସେବା ଲୋକମାନେ ପାଇପାରିବେ। ବୃଦ୍ଧ, ଗର୍ଭବତୀ ମହିଳା ଏବଂ ଭିନ୍ନକ୍ଷମ ଲୋକଙ୍କ ପାଇଁ ଏହା ସହାୟକ ହୋଇପାରିବ। ବେରୁହାଁ ପଞ୍ଚାୟତରେ ମୋ ବ୍ୟାଙ୍କ ଉଦ୍‌ଘାଟନ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ସରପଞ୍ଚ ବାବାଜୀ ଚରଣ ସ୍ୱାଇଁ, ବରିଷ୍ଠ ନାଗରିକ କୁଳମଣି ଦାସ, ବାବାଜୀ ବେହେରା, ସାମାଜିକ କର୍ମୀ ଲଳିତ ସେନାପତି, ବିଶ୍ୱଜିତ ନାୟକ ଉପସ୍ଥିତ ଥିଲେ। ଦଶିପୁରରେ ସରପଞ୍ଚ ବିକ୍ରମ କେଶରୀ ଦାଶ, ରାଘବପୁରରେ ସରପଞ୍ଚ ରମେଶ ଚନ୍ଦ୍ର ଲେଙ୍କା, ହିନ୍ଦୁଳିଆରେ ସରପଞ୍ଚ ମନୋଜ ସ୍ୱାଇଁ ଉପସ୍ଥିତ ଥିଲେ।

ସେହିପରି ଗରଦପୁର ବ୍ଲକର ରାମଚନ୍ଦ୍ରପୁର, ତିକନପୁର, ନଡିଆବରାଇ, ବେଡାରୀ ଓ ବନ୍ତଳା ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସି ମାଧ୍ୟମରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରାମଚନ୍ଦ୍ରପୁରର ସରପଞ୍ଚ ନିର୍ମଳା ନାୟକ, ସମିତି ସଭ୍ୟ ସୁମିତ୍ରା ପଣ୍ଡା, ତିକନପୁରରେ ସରପଞ୍ଚ ଅମୀୟ ରଞ୍ଜନ ନାୟକ, ଜିପିଓ ମୃଣୟ ରାଉତ, ପଞ୍ଚାୟତ ଅଧିକାରୀ ସରୋଜ ସାମଲ, ନଡିଆବରାଇରେ ସରପଞ୍ଚ ସନ୍ତୋଷ ମାହାଳୀ, ବେଡାରୀରେ ସରପଞ୍ଚ କୁଞ୍ଜଲତା ମିଶ୍ର ଓ ବନ୍ତଳା ସରପଞ୍ଚ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ବ୍ୟାଙ୍କ ସେବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କଙ୍କୁ ପ୍ରଦାନ କରାଯାଇଛି। ଏହାଛଡା ଏହି ବ୍ୟାଙ୍କ ଉଦ୍‌ଘାଟନ ହେବା ଦ୍ୱାରା ଜନସାଧାରଣ ନିକଟରେ ଉତ୍ତମ ବ୍ୟାଙ୍କ ସେବା ପାଇପାରିବେ।





ଆଳି ଓ ଗରଦପୁରରେ ଆମ ବ୍ୟାଙ୍କ ଉଦ୍‌ଘାଟିନୀ ଉତ୍ସବରେ ଅତିଥିମାନେ।

## ସଂକ୍ଷେପରେ

### ଅଙ୍ଗନୱାଡି ସୁପରଭାଇଜରଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ଗଞ୍ଜାମ,୨୯।୨(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକରେ ଅଙ୍ଗନୱାଡି ସୁପରଭାଇଜର ଭାବେ କାର୍ଯ୍ୟରତ ମଧୁଲିକା ପାତ୍ର ଅବସର ଗ୍ରହଣ କରିଛନ୍ତି। ଗୁରୁବାର ଗଞ୍ଜାମ ବ୍ଲକ ସମନ୍ୱିତ ଶିଶୁ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୀର୍ଘ ୪ ବର୍ଷ ହେବ ଏହି ବ୍ଲକରେ ନିରଙ୍କୁଶ ଭାବେ କାର୍ଯ୍ୟ ତୁଲାଇ ଆସିଥିବା ସୁପରଭାଇଜର ପାତ୍ରଙ୍କୁ ସିଡିପିଓ ସଲୀଳା ପ୍ରଧାନ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ବିଦାୟକାଳୀନ ସମ୍ବର୍ଦ୍ଧନା ବେଳେ ବ୍ଲକ ପ୍ରକଳ୍ପ ସଂଯୋଜକ ଚନ୍ଦନ କୁମାର ପାଢ଼ୀ, ବିଏଲ୍ଏଫ୍ ସଭାପତି ସେଲିନା କାଲପେପର, ସମ୍ପାଦିକା ଜାନଭି ବେହେରା, ସିନିୟର କ୍ଲର୍କ ଗୌରୀବାଳା ଆଚାର୍ଯ୍ୟ, ସୁପରଭାଇଜର ତନୁଜା ବେହେରା, ଡାଟା ଏଣ୍ଟ୍ରି ଅପରେଟର ବି କିରନ ପ୍ରଧାନ, ସୁସ୍ମିତା ସାହୁ, ସୁମିତା ଦାସ, ଛବି ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

### ଶିବ ସନ୍ଦେଶ ଯାତ୍ରା ଉଦ୍‌ଘାଟିତ

ଭଞ୍ଜନଗର,୨୯।୨(ବାବୁଲା ପ୍ରଧାନ)

ଭଞ୍ଜନଗର ଓମ୍ ଶାନ୍ତି ଶାଖା ପକ୍ଷରୁ ରବିବାର ଶିବ ସନ୍ଦେଶ ଯାତ୍ରା ଉଦ୍‌ଘାଟିତ ହୋଇଯାଇଛି। ଭଞ୍ଜନଗର ଏଡିଜେ ଦେବବ୍ରତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଶାଖା ପରିଚାଳିକା ବ୍ରହ୍ମକୁମାରୀ ସନ୍ତୋଷିନୀ ସଭା ସଂଯୋଜନା କରିଥିଲେ। ପ୍ରଥମ ଦିନ ଉକ୍ତ ଯାତ୍ରା ବେଲଗୁଣ୍ଠା ବ୍ଲକର ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ଆସନ୍ତା ୮ ତାରିଖ ଶିବରାତ୍ରି ପର୍ଯ୍ୟନ୍ତ ଏହି ଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିବ। ଆସନ୍ତା ୬, ୭ ଓ ୮ ତାରିଖ ତିନିଦିନ ଧରି ଭଞ୍ଜନଗରଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବ।

### ପୂର୍ବତନ ଏନ୍ଏସି ଅଧ୍ୟକ୍ଷଙ୍କ ପରଲୋକ

ଭଞ୍ଜନଗର,୨୯।୨(ବାବୁଲା ପ୍ରଧାନ):

ବରିଷ୍ଠ ଆଇନଜୀବୀ ତଥା ଭଞ୍ଜନଗର ଏନଏସିର ପୂର୍ବତନ ଅଧ୍ୟକ୍ଷ ଏମ ତାଜ ଆଦେନି (୮୦) ଗୁରୁବାର ସକାଳେ ନିଜ ବାସଭବନରେ ପରଲୋକ ଗମନ କରିଛନ୍ତି। ସେ କିଛି ମାସ ହେବ ଅସୁସ୍ଥ ଥିଲେ। ତାଙ୍କର ବିୟୋଗରେ ବହୁ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ତାଙ୍କର ଶେଷ ଦର୍ଶନ କରିଛନ୍ତି। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଏମପି ପ୍ରତିନିଧି ଦିବାକର ନାୟକ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଏଡିଜେ ସମେତ ବହୁ ବ୍ୟକ୍ତି ସ୍ୱର୍ଗତ ଆଦେନୀଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଆଦେନୀ ଭଞ୍ଜନଗର ବାର ଆସୋସିଏସନର ବିଭିନ୍ନ ପଦପଦବୀ ସହ ଦୀର୍ଘ ଦିନ ଧରି ସରକାରୀ ଓକିଲ ଥିଲେ। ସଂଧ୍ୟାରେ ତାଙ୍କ ମରଶରୀରକୁ ସହର ପରିକ୍ରମା କରାଯିବା ସହ କୋର୍ଟ ଏବଂ ଏନଏସି କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ଦର୍ଶନ ପାଇଁ ନିଆଯାଇଥିଲା।

# ରାସ୍ତା ନିର୍ମାଣ ଦାବିରେ ଗ୍ରାମବାସୀଙ୍କ ଆନ୍ଦୋଳନ

ବେଲଗୁଣ୍ଠା,୨୯।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ବଙ୍କା ପଞ୍ଚାୟତର କିରାପଲ୍ଲୀ ଗାଁକୁ ଭଲ ରାସ୍ତା ନଥିବାରୁ ଅସନ୍ତୋଷ ପ୍ରକାଶ କରି ରାସ୍ତାରୋକୋ କରିଛନ୍ତି ଗ୍ରାମବାସୀ। ଆନ୍ଦୋଳନରେ ଗ୍ରାମର ଚାରିଶହରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଏବଂ ଛାତ୍ରୀଛାତ୍ର ରାସ୍ତା ଉପରେ ବସି ରାସ୍ତା ନିର୍ମାଣ ଦାବି କରି ସ୍ଲୋଗାନ୍ ଦେଇଥିଲେ। ମୁଖ୍ୟରାସ୍ତାଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ କିରାପଲ୍ଲୀ ଗାଁ ରହିଛି। ଏହି ଗାଁକୁ ଭଲ ରାସ୍ତାଟିଏ ନାହିଁ। ରାସ୍ତା ଭଲ ନଥିବା କାରଣରୁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ବେଳେ ଗାଁକୁ କୌଣସି ଅଟୋ ଭଡ଼ାରେ ଯିବାକୁ ମଧ୍ୟ ଅମଙ୍ଗ ହେଉଥିବା ବେଳେ ଅଧିକ ଟଙ୍କା ଭଡ଼ା




ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ଦାବି କରୁଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଗାଁକୁ ରାସ୍ତା ନିର୍ମାଣ ହୋଇପାରୁ ନାହିଁ। ଦୁଇ ବର୍ଷ ମଧ୍ୟରେ ୯ ଥର ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରଭାବ ପଡ଼ିନାହିଁ। ନିର୍ବାଚନ ପୂର୍ବରୁ ରାସ୍ତା ନିର୍ମାଣ କରାନଗଲେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇ ବ୍ରହ୍ମପୁର ବେଲଗୁଣ୍ଠା ମୁଖ୍ୟ ରାସ୍ତାକୁ କାଠ ପକାଇ ରାସ୍ତା ବନ୍ଦ କରିବା ସହ ମହିଳା ଓ ପୁରୁଷମାନେ ରାସ୍ତା ଉପରେ ବସି ଧାରଣା ଦେଇଥିଲେ। ଉଭୟ ପଟରେ ଗାଡ଼ି ଗୁଡିକ ଦୀର୍ଘ ସମୟ ଧରି ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବେଲଗୁଣ୍ଠା ବ୍ଲକ ବିଡ଼ିଓ ଭାରତୀ ଦେବୀ, ତହସିଲଦାର କଳାକୃଷ୍ଣ ପ୍ରଧାନ ଏବଂ ଥାନାଧିକାରୀ ବନବିହାରୀ ପ୍ରଧାନ୍ ଆନ୍ଦୋଳନ ସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଆଠ ଦିନ ମଧ୍ୟରେ ସମାଧାନ କରାନଗଲେ ପୁଣି ରାସ୍ତାରୋକୋ କରାଯିବ ବୋଲି ଧମକ ଦିଆଯାଇଛି। ଏ ନେଇ ଜିଲାପାଳଙ୍କୁ ଅବଗତ କରିଥିବା ବେଲଗୁଣ୍ଠା ବିଡିଓ ଭାରତୀ ଦେବୀ ପ୍ରକାଶ କରିଛନ୍ତି।

# ସିଙ୍ଗଡ଼ାପଲ୍ଲୀରେ ଓଲଟିଲା ବୋଲେରୋ, ୧୦ ଆହତ

## ଘନ କୁହୁଡ଼ି ହେଲା କାଳ

ଖଲ୍ଲିକୋଟ,୨୯।୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଜାତୀୟ ରାଜପଥ ନଂ. ୧୬ ସିଙ୍ଗଡ଼ାପଲ୍ଲୀଠାରେ ଘନ କୁହୁଡ଼ି ଯୋଗୁ ଗୁରୁବାର ଏକ ବୋଲେରୋ ଓଲଟି ପଡ଼ିବାରୁ ଗାଡ଼ି ଭିତରେ ଥିବା ୧୦ ଜଣ ଆହତ ହୋଇଛନ୍ତି।

ମାଲକାନଗିରି ଜିଲା ବାଲିମେଳାରୁ ୧୦ ଜଣ ଯୁବକ ଏକ ବୋଲେରୋ (ଓଡି ୧୦ ଏ ୮୭୨୭) ଯୋଗେ ଜଗା ଦର୍ଶନ କରିବା ପାଇଁ ପୁରୀ ଅଭିମୁଖେ ବାହାରିଥିଲେ। ସକାଳ ୬ଟାରେ ପ୍ରବଳ କୁହୁଡ଼ି ଯୋଗୁ ୧୬ନଂ. ଜାତୀୟ ରାଜପଥର ସିଙ୍ଗଡ଼ାପଲ୍ଲୀଠାରେ ଭାରସାମ୍ୟ ହରାଇ ଗାଡ଼ିଟି ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ବୋଲେରୋ ଭିତରେ ଥିବା ୧୦ ଜଣ ଯୁବକ ଆହତ ହୋଇଥିଲେ। ସୌଭାଗ୍ୟଶତଃ ଜଣେ ଦୁଇ ଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନେ ସାମାନ୍ୟ ଆହତ ହୋଇ ପ୍ରାଥମିକ ଚିକିତ୍ସା ପରେ ଫେରିଥିଲେ। ବୋଲେରୋ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଡ୍ରାଇଭର ସୁନୀଲ କୁମାର ପାଙ୍ଗୀଙ୍କ ମୁଣ୍ଡରେ ଆଘାତ ଲାଗିଛି। ଖଲ୍ଲିକୋଟ ଥାନାଧିକାରୀ ନରେଶ କୁମାର ସାହୁ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଓ ଅଗ୍ନିଶମ ବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରିଥିଲେ।

# ଜାଇକା କାର୍ଯ୍ୟର ସମୀକ୍ଷା, ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

**ଭଞ୍ଜନଗର,୨୯।୨(ବାବୁଲା ପ୍ରଧାନ):** ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ଚାଲିଥିବା ଜାଇକା କାର୍ଯ୍ୟର ସମୀକ୍ଷା ଗୁରୁବାର ସ୍ଥାନୀୟ ଲାଲସିଂ ନର୍ସରୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି ଅଧ୍ୟକ୍ଷତା କରି ଜାଇକା ପ୍ରକଳ୍ପ ମାଧ୍ୟମରେ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକୁ ତ୍ୱରାନିତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆଗକୁ ଜଙ୍ଗଲ ପୋଡି ହେବାର ଆଶଙ୍କା ରହିଛି। ତେଣୁ ବିଭାଗୀୟ କର୍ମଚାରୀମାନେ ଜଙ୍ଗଲ ପୋଡି ଯେଭଳି ନହେବ, ବନ୍ୟପ୍ରାଣୀ ସୁରକ୍ଷିତ ରହିବ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। କର୍ମଚାରୀମାନେ ଗ୍ରାମବାସୀଙ୍କ ସହ ସମନ୍ୱୟ ରକ୍ଷାକରି ପଦକ୍ଷେପ ନେଲେ ଜଙ୍ଗଲ ସୁରକ୍ଷିତ ରହିପାରିବ। ତେଣୁ ଏଥିପ୍ରତି ସମସ୍ତେ ଦୃଷ୍ଟି ଦେବାକୁ ବୈଠକରେ ବକ୍ତାମାନେ କହିଥିଲେ। ଏସିଏଫ ସୁବ୍ରତ କୁମାର ପାତ୍ର, ବିକ୍ରମ ଦେବ ପଟ୍ଟନାୟକ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ମୁଜାଗଡ ରେଞ୍ଜରବିଦ୍ୟାଧରସାହୁପ୍ରମୁଖଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ସମସ୍ତ ରେଞ୍ଜର କର୍ମଚାରୀ, ବନସୁରକ୍ଷା ସମିତି କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

### କାଜୁ ପ୍ରକ୍ରିୟାକରଣର ଦୁଇଦିନିଆ କାର୍ଯ୍ୟକ୍ରମ ଉଦ୍‌ଯାପିତ

ରମ୍ଭା,୨୯।୨(ବନବାସୀ ସେଠୀ)

ରମ୍ଭା ନିକଟସ୍ଥ ଧର୍ମସରଣପୁର ସନ୍ନିକଟ କାଜୁ ଫେକ୍ଟ୍ରି ସଭାଗୃହ ପରିସରରେ ଗଞ୍ଜାମ ଜିଲା କାଜୁ ପ୍ରକ୍ରିୟା କରଣ ତଥା ନାରାୟଣୀ କାଜୁ ଇଣ୍ଡଷ୍ଟ୍ରିର ମାଲିକ ପି. ରାଜେନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ଇଭେଣ୍ଟ ମ୍ୟାନେଜମେଣ୍ଟ ମହାରାଷ୍ଟ୍ର ଆନୁକୂଲ୍ୟରେ କାଜୁ ଶିଳ୍ପ ସମ୍ବନ୍ଧୀୟ ଓ ଅତ୍ୟାଧୁନିକ ଉନ୍ନତମାନର ଯନ୍ତ୍ରପାତି ପ୍ରଦର୍ଶନର ଦୁଇ ଦିନିଆ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅତିଥି ପରିଚୟ ପ୍ରକାଶ ଚନ୍ଦ୍ର ପଣ୍ଡା ଓ ଧନ୍ୟବାଦ ରତ୍ନାକର ସାହୁ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଶିଳ୍ପ ପ୍ରଦର୍ଶନୀରେ ୬୨ ଗୋଟି ନାମୀଦାମୀ କମ୍ପାନୀ ସାମିଲ ହୋଇ ଇଲେକ୍ଟ୍ରି ସହିତ ଜେନେରେଟର ବ୍ୟବସ୍ଥା ମଧ୍ୟ ଲାଇଫ ଡେମୋ ଦେଖାଇ ଶିଳ୍ପ ସଂଘ ମାଲିକମାନଙ୍କୁ ଆକର୍ଷିତ କରୁଥିବା ଦେଖାଯାଇଥିଲା। ଏଥି ସହିତ ଓଡ଼ିଶା କାଜୁ ପ୍ରୋସେସର ସଂଘ ସଭାପତି ରାଜେନ୍ଦ୍ର ସାବତ ଗଣମାଧ୍ୟମ ନିକଟରେ ପ୍ରତିକ୍ରିୟା ଦେଇ ଦେଶରେ କାଜୁ ବେପାରୀଙ୍କ ଫ୍ରଡ଼ ବେପାର ଉପରେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ କାହ୍ନୁ ଚରଣ ସେନାପତି, ଉପଦେଷ୍ଟା ପ୍ରଦୀପ ପାତ୍ର, ରାମଚନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା ପ୍ରମୁଖ ଭୂମିକାରେ ସଂଘର ସପରିବାର ସହଯୋଗ କରିଥିଲେ।

# ଧରାକୋଟରେ ରାଜସ୍ୱ ଅଦାଲତ



ରାଜସ୍ୱ ଅଦାଲତରେ ଉପସ୍ଥିତ ତହସିଲଦାର ଓ ଅନ୍ୟମାନେ।

ଧରାକୋଟ,୨୯।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ରାଜସ୍ୱ ସେବାକୁ ସରଳୀକରଣ କରି ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଧରାକୋଟ ତହସିଲ ଅଧିନରେ ଥିବା ଧରାକୋଟ, ମୁଣ୍ଡମରାଇ, ଜାହାଡା, ଝାଡବନ୍ଧ, ମାଣିକ୍ୟପୁର, ଡଉଗାଁ ଓ ବରଡାବିଲି ସର୍କଲରେ ରାଜସ୍ୱ ଅଦାଲତ ଆୟୋଜନ କରାଯାଇଛି। ଏଥିରେ ସରକାରୀ ଜମି ଜବରଦଖଲ କରିଥିବା ଲୋକଙ୍କଠାରୁ ଖଜଣା ଆଦାୟ ସହ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ ପାଇଁ ପଦକ୍ଷେପ ନିଆଯାଉଛି। ଗୁରୁବାର ଧରାକୋଟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଦାଲତରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳେଇ, ରାଜସ୍ୱ ପରିଦର୍ଶକ ସୁଙ୍କାନୀ ବେହେରା, ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକ, କନିଷ୍ଠ କିରାଣି ଅମିତ କୁମାର ମହାନ୍ତିଙ୍କ ଉପସ୍ଥିତିରେ ୪୧ଟି ଜବରଦଖଲ ମାମଲାର ବିଚାର କରାଯାଇ ପ୍ରାୟ ୩୦ହଜାର ଟଙ୍କା ଆଦାୟ କରାଯାଇଛି। ସରକାରୀ ନିୟମ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ରାଜେଶ ବଳ, ଦେବୀ ପ୍ରସାଦ ନାହାକ ସହଯୋଗ କରିଥିଲେ।

# ଅଗସ୍ତି ନୂଆଗାଁରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ



ବ୍ୟାଙ୍କ ସେବା ଉଦ୍‌ଘାଟନ କରାଯାଉଛି ।

**ଛତ୍ରପୁର,୨୯।୨ (ଦିଲୀପ ସାମଲ):** ଛତ୍ରପୁର ବ୍ଲକ ଅଗସ୍ତି ନୂଆଗାଁ ପଞ୍ଚାୟତଠାରେ ସିଏସପି ପ୍ଲସ ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ ହୋଇଯାଇଛି। ଅଣ ବ୍ୟାଙ୍କିଙ୍ଗ ପଞ୍ଚାୟତ ଗୁଡ଼ିକରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ସେବା ଉପଲବ୍ଧ ହେଉଥିବା ଜଣାଯାଇଛି। ଏଥିରେ ଜନସାଧାରଣଙ୍କୁ ୧୫ଟି ବ୍ୟାଙ୍କିଙ୍ଗ ସେବା ମିଳିବ। ରାଶି ଜମା ଓ ଉଠାଣ କରିବା, ଆଧାର ସକ୍ଷମ ଦେୟ ସୁବିଧା, ସାମାଜିକ ସୁରକ୍ଷା ଯୋଜନା ପଞ୍ଜିକରଣ, ଖାତା ଅପଡେଟ କରିବା, ନୂଆ ଋଣ ଆବେଦନ କରିବା ଇତ୍ୟାଦି ପାଇଁ ବ୍ୟାଙ୍କ ସେବା ଯୋଗାଇ ଦିଆଯିବ। ପୂର୍ବରୁ ଏହି ପଞ୍ଚାୟତରେ ବ୍ୟାଙ୍କ ନ ଥିବାରୁ ଛତ୍ରପୁର କିମ୍ବା ଗଞ୍ଜାମ ସହରକୁ ଯିବାକୁ ପଡୁଥିଲା, ଏବେ ଆଉ ଯିବାକୁ ପଡିବ ନାହିଁ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲାପରିଷଦ ସଭ୍ୟ ମୁନା ଦାସ, ଯୁବନେତା ବାପି ଦାସ, ବ୍ରହ୍ମପୁର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆରେ ଆଞ୍ଚଳିକ ମୁଖ୍ୟ ପ୍ରଶାନ୍ତ କୁମାର ବେହେରା, ଫାଇନାନ୍ସିଆଲ ମ୍ୟାନେଜର ରମଣି ରଞ୍ଜନ ସାହୁ, ଛତ୍ରପୁର ଷ୍ଟେଟ୍‌ବ୍ୟାଙ୍କ ଅଫ ଇଣ୍ଡିଆ ବଜାର ଶାଖାର ପ୍ରବନ୍ଧକ ପ୍ରଣବ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ବଖରା ଜଳିଗଲା

ପାତ୍ରପୁର,୨୯।୨(ଉମା ଚରଣ ନେପାକ)

ପାତ୍ରପୁର ତହସିଲ ଅଧୀନ ନରସିଂହପୁର ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୨ଟି ଘର ପୋଡ଼ି ପାଉଁଶ ହୋଇଯାଇଛି। ସକାଳେ ଗାଁର ପ୍ରକାଶ ପ୍ରଧାନଙ୍କ ଘରେ ହୁତୁହୁତୁ ହୋଇ ନିଆଁ ଜଳୁଥିବା ଗ୍ରାମବାସୀ ଦେଖି ଲିଭାଇବାକୁ ଚେଷ୍ଟା କରିଥିଲେ। ଏଥିସହ ପାତ୍ରପୁର ଦମକଳ କେନ୍ଦ୍ରକୁ ଖବର ଦିଆଯାଇଥିଲା। ଦମକଳ ବାହିନି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ନିଆଁ ବ୍ୟାପୀ ଦୁଇ ପରିବାରର ୨ ବଖରାରେ ଥିବା ସମସ୍ତ ସମ୍ପତ୍ତି ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ଦୁଇ ପରିବାର ଗରିବ ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଜିଆର୍‌ଏସ୍ ସଂଘ



ବିଡିଓଙ୍କୁ ପୁଷ୍ପଗୁଚ୍ଛ ସହ କୃତଜ୍ଞତା ଜଣାଉଛନ୍ତି ଜିଆର୍‌ଏସ୍ ସଂଘ। ।

ଖଲ୍ଲିକୋଟ,୨୯।୨(ପ୍ରଶାନ୍ତ କୁମାର ମିଶ୍ର)

ରାଜ୍ୟ ସରକାର କ୍ୟାବିନେଟ୍‌ରେ ନେଇଥିବା ନିଷ୍ପତ୍ତି ଯାହାକି ରାଜ୍ୟର ୩୧୪ ବ୍ଲକରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍), ଯେଉଁମାନେ ୫ ବର୍ଷ କାର୍ଯ୍ୟ ସମ୍ପାଦନ କରିଥିବେ, ସେମାନଙ୍କୁ ଆକାଉଣ୍ଟାଟ୍ ସହିତ ଡାଟା ଅପରେଟର ଭାବେ ପଦୋନ୍ନତି କରାଯାଇଥିବା ଘୋଷଣା କରିଛନ୍ତି। ସରକାରଙ୍କ ଘୋଷଣା ପରେ ଖଲ୍ଲିକୋଟ ବ୍ଲକ ଜିଆର୍‌ଏସ୍ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଉଦ୍ଦେଶ୍ୟରେ ଖଲ୍ଲିକୋଟ ବ୍ଲକ ବିଡିଓ ଦେବାଶିଷ ସାମଲଙ୍କୁ ପୁଷ୍ପଗୁଚ୍ଛ ଦେଇ କୃତଜ୍ଞତା ଦେବା ସହ ଧନ୍ୟବାଦ ଜଣାଇଛନ୍ତି। ଏଠାରେ ଜିଆର୍‌ଏସ୍ ସଂଘ ସଭାପତି ଉମାଚରଣ ପଟ୍ଟନାୟକ, ସମ୍ପାଦକ ତ୍ରିଲୋଚନ ସ୍ୱାଇଁ, କୋଷାଧ୍ୟକ୍ଷ କାହ୍ନୁ ଶତପଥୀ, ଉପସଭାପତି ଅଁଳା ବେହେରା, ପ୍ରଭାତ ଶିଶିର ପଣ୍ଡାଙ୍କ ସମେତ ସମସ୍ତ ଜିଆର୍‌ଏସ୍ ଉପସ୍ଥିତ ଥିଲେ।

# ଦଣ୍ଡ ନାଚରେ ଅଶ୍ଳୀଳ ନୃତ୍ୟ ବନ୍ଦ ପାଇଁ ନିବେଦନ

**ଭଞ୍ଜନଗର,୨୯।୨(ବାବୁଲା ପ୍ରଧାନ):**

ଭଞ୍ଜନଗର ଆମ ପୋଲିସ ସମିତିର ୮୪ ତମ ବୈଠକ ବୁଧବାର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଥାନା ଅଧିକାରୀ କୁମାର ମୁଦୁଲି ଅଧ୍ୟକ୍ଷତା କରିଥିଲେ। ଆଗକୁ ଗଞ୍ଜାମ ଜିଲାରେ ପ୍ରସିଦ୍ଧ ଦଣ୍ଡ ନାଚ ହେବ। ଏହି ସମୟରେ ଅଶ୍ଳୀଳ ନୃତ୍ୟ ପରିବେଷଣ ହେବାର ଆଶଙ୍କା ରହିଛି। ତେଣୁ ଏହା ପୂର୍ବରୁ ପୋଲିସ ପକ୍ଷରୁ ଦଣ୍ଡନାଚ କର୍ମକର୍ତ୍ତାଙ୍କୁ ଡାକି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅଧିକାଂଶ ସଭ୍ୟ ନିବେଦନ କରିଥିଲେ। ବିଗତ ବର୍ଷମାନଙ୍କରେ ଦଣ୍ଡ ନାଚରେ ଅଶ୍ଳୀଳ ନୃତ୍ୟ ପରିବେଷଣ ସମୟରେ ଅନେକ ବିଶୃଙ୍ଖଳା ଘଟିଛି। ତେଣୁ ଚଳିତ ବର୍ଷ ଏହାର ପୁନରାବୃତ୍ତି ଯେଭଳି ନହେବ ସେଥିପ୍ରତି ଦୃଷ୍ଟି ଦେବାକୁ ସଭ୍ୟମାନେ ଥାନା ଅଧିକାରୀଙ୍କୁ ନିବେଦନ କରିଥିଲେ। ବୈଠକରେ ଏସଆଇ କେଶବ ଷଡ଼ଙ୍ଗୀ,ସଭ୍ୟ କୃତିବାସ ବିଶ୍ୱାଳ, ଜଗବନ୍ଧୁ ଜେନା, ସନ୍ତୋଷ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅନୁପମ ବାନାର୍ଜୀ ସଭାକୁ ସଂଯୋଜନା କରିଥିବା ବେଳେ ସୁଶାନ୍ତ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# କାୟାକଳ୍ପ ଟିମକୁ ଘେରିଲେ ଅଞ୍ଚଳବାସୀ

କବିସୂର୍ଯ୍ୟନଗର,୨୯।୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଲାଗିରହିଛି। ଏଭଳି ସ୍ଥିତିରେ ମେଡିକାଲରେ ସ୍ୱଚ୍ଛତା, ଗୁଣବତ୍ତା ନିରୂପଣ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ କାୟାକଳ୍ପ ଟିମ ଗୁରୁବାର ପରିଦର୍ଶନରେ ଆସିଥିବା ବେଳେ ଅଞ୍ଚଳବାସୀ ସେମାନଙ୍କୁ ଘେରାଉ କରି ବିଭିନ୍ନ ସମସ୍ୟା ଜଣାଇଥିଲେ। କାୟାକଳ୍ପ ଟିମ ଆସିଥିବା ଡା. ସ୍ମୃତିରଞ୍ଜନ ପଟ୍ଟନାୟକ, ଡା. ପିୟୁଷ ରଞ୍ଜନ ମହାନ୍ତି ଓ ଅଭିଳାଷ କୁମାର ମେଡିକାଲ ବର୍ହିବିଭାଗ, ପ୍ରସୂତି ବିଭାଗ, ଅସ୍ତ୍ରୋପଚାର, ପରୀକ୍ଷାଗାର, ଯକ୍ଷ୍ମା, ମ୍ୟାଲେରିଆ, ଏଚଆଇଭି ଆଦି ବିଭିନ୍ନ ବିଭାଗ ବୁଲି ସ୍ଥିତି ପରଖିବା ସହ ବିଭାଗୀୟ ଅଧିକାରୀ ସହ ଆଲୋଚନା କରିଥିଲେ । ପରେ ମେଡିକାଲ ସ୍ୱାସ୍ଥ୍ୟଧିକାରୀ ଅମେରେଶ ସାହୁଙ୍କୁ ଭେଟି ଆଲୋଚନା କରିଥିଲେ । ଆଲୋଚନା ବେଳେ ବିପିଏମ ସୁନୀଲ କୁମାର ପଣ୍ଡା, ଭଞ୍ଜନଗର ଜୁନିୟର ହସ୍ପିଟାଲ



ମ୍ୟାନେଜର ବିଚିତ୍ର ପାଣିଗ୍ରାହୀ, ଜିଲା ବିଏମଆରସିଏଚ ଶକ୍ତିକାନ୍ତ ଦିଘାଲ ଓ ଅନ୍ୟାନ୍ୟ ମେଡିକାଲ ଷ୍ଟାଫ ଉପସ୍ଥିତ ଥିଲେ। ଏହି ସମୟରେ ଭାଜପା ନେତା ପ୍ରତାପ ନାୟକ ଓ କବିସୂର୍ଯ୍ୟନଗର ନଗରବାସୀ କାୟାକଳ୍ପ ଟିମକୁ ଘେରାଉ କରି ବିଭିନ୍ନ ଅଭିଯୋଗ କରିଥିଲେ । ମେଡିକାଲରେ ନୂତନ ନିଯୁକ୍ତ ଜୁନିୟର ଡାକ୍ତର କିଛିଦିନ ପରେ ପିଜି କରିବାକୁ ଚାଲିଯାଉଛନ୍ତି। ସ୍ଥାୟୀ ଡାକ୍ତର ନାହାନ୍ତି। ୨ ବର୍ଷ ହେଲା ସରକାର ଏକ୍ସ-ରେ ମେଶିନ ଯୋଗାଇଥିଲେ ସୁଦ୍ଧା ତାହାକୁ ଚଳାଇବାକୁ କେହି ନିଯୁକ୍ତି ପାଇ ନାହାନ୍ତି। ଦୁଇ ବର୍ଷ ହେଲା ଆମ୍ବୁଲାନ୍ସ ଓ ଶବବୁହା ଗାଡି ଖତ ଖାଉଥିବା ବେଳେ ସ୍ୱାସ୍ଥ୍ୟଧିକାରୀଙ୍କ କ୍ୱାର୍ଟର୍ସ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଜଣାଇଥିଲେ। ତେବେ ଟିମ୍ କେବଳ ସ୍ୱଚ୍ଛତା ଓ ଗୁଣବତ୍ତା ନିରୁପଣ କରିବାକୁ ଆସିଥିବା କହିବା ସହ ସମସ୍ୟା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇବା ପାଇଁ କହିଥିଲେ।

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ଛତ୍ରପୁର,୨୯।୨ (ଦିଲୀପ ସାମଲ) :

ଛତ୍ରପୁର ବ୍ଲକ ଅନ୍ତର୍ଗତ କଣମଣା ପଞ୍ଚାୟତରେ ବିଜେଡି ସାଙ୍ଗଠନିକ ବୈଠକ ଏବଂ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ଗୁରୁବାର ଟାକିରିଆ ବ୍ରହ୍ମପୁରସ୍ଥିତ କନକଦୁର୍ଗା ମନ୍ଦିର ପରିସରରେ ଆୟୋଜିତ ବୈଠକରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଲୋଚନା କରିବା ସହିତ ଦଳୀୟ ସଂଗଠନକୁ ଅଧିକ ମଜବୁତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ବୈଠକରେ କଣମଣା ସରପଞ୍ଚ ବି. ଦମୟନ୍ତି, ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ, ଯୁବନେତା ଜନାର୍ଦ୍ଦନ ସ୍ୱାଇଁ, ଗଣେଶ ସାହୁ, ରମେଶ ସାହୁ, ରାବଣା ସ୍ୱାମୀ ଓ ନାରାୟଣ ପ୍ରଧାନଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

# ସମସ୍ୟାର ସମାଧାନ ହୋଇପାରିନାହିଁ




ଭଞ୍ଜନଗର,୨୯।୨(ବାବୁଲା ପ୍ରଧାନ):

## ୪ ଦିନ ହେଲା ଆନ୍ଦୋଳନ ଚାଲିଛି

ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪ ଦିନ ହେବ ଆଦିବାସୀ ଭାରତ ମହାସଭା ଏବଂ ଘୁମୁସର ନାଗରିକ ମଞ୍ଚ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। କିନ୍ତୁ ପ୍ରଶାସନ ଏବଂ ରାଜ୍ୟ ସରକାର ସମସ୍ୟାର ସମାଧାନ କରି ପାରୁନାହାନ୍ତି। ଯାହାକୁ ନେଇ ଉଭୟ ସଙ୍ଗଠନ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଆଦିବାସୀ ଭାରତ ମହାସଭା ପକ୍ଷରୁ ଜଗନ୍ନାଥପ୍ରସାଦ ବ୍ଲକ ୪ଟି ଗ୍ରାମର ବିକାଶ ଦାବି ନେଇ ଆନ୍ଦୋଳନ ଚାଲିଛି। ସେହିଭଳି ଘୁମୁସର ନାଗରିକ ମଞ୍ଚ ପକ୍ଷରୁ ଭଞ୍ଜନଗର ଏନଏସିକୁ ମ୍ୟୁନିସିପାଲଟି ଦାବିରେ ଦିନକୁ ୧ ଘଣ୍ଟା ଧାରଣା ଦିଆଯାଉଛି। ଯଦି ସରକାର ଦାବି ନ ଶୁଣନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ନାଗରିକ ମଞ୍ଚର କର୍ମକର୍ତ୍ତା ନଚିକେତା ପ୍ରଧାନ ସୂଚନା ଦେଇଛନ୍ତି।







# ୧୭ବର୍ଷ ହେଲା ଅଧାରେ ପଡ଼ିଛି କଣ୍ଡିଆନାଳ ସେତୁ

**ପଟ୍ଟାମୁଣ୍ଡାଇ,୨୯।୨ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତ କଣ୍ଡିଆନାଳ ସେତୁ ନିର୍ମାଣ କାର୍ଯ୍ୟ ୧୭ବର୍ଷ ହେବ ବନ୍ଦ ପଡିଥିବା ବେଳେ ୨୦୨୩ରେ ରାଜ୍ୟ ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗର ବିଜୁ ସେତୁ ଯୋଜନାରେ ୩୬,୯୧,୩୬,୦୦୦ ଟଙ୍କା ବ୍ୟୟ ଅଟକଳକୁ ମଞ୍ଜୁର ଦେଇ ବିରଜା କନଷ୍ଟ୍ରକଶନ କମ୍ପାନୀ ସହ ଏଗ୍ରିମେଣ୍ଟ ସରିବାକୁ ବର୍ଷେ ବିତିଲାଣି। ହେଲେ ଏଯାଏ ସେତୁ ନିର୍ମାଣ ଆରମ୍ଭ ହୋଇନାହିଁ। ଫଳରେ ଏହି କାଣୀ ନଦୀ ଉପରେ ନିର୍ଭର କରୁଥିବା ଲୋକେ ଅତି ବିପଦ ସଙ୍କୁଳ ଅବସ୍ଥାରେ ମୋଟର ଚାଳିତ ଡଙ୍ଗାରେ ନଦୀ ପାର ହେଉଛନ୍ତି। ଗୋଟିଏ ଡଙ୍ଗାରେ ଥରକେ ୧୦ରୁ୧୫ଟି ବାଇକ୍ ସହ ପ୍ରାୟ ୩୦ ଜଣ ଲୋକ ନଦୀ ପାର ହେଉଛନ୍ତି। ବିପଦପୂର୍ଣ୍ଣ ଭାବେ ନଦୀ ପାର ହେଉଥିବା ବେଳେ ଡଙ୍ଗାରେ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ଏ ସମ୍ପର୍କରେ ସିଂହଗାଁର ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି, ଏହି କଣ୍ଡିଆନାଳ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୮ରେ ଏକ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ ଅଧୀନରେ ଥିବା ୬୨୩ କିମି ଲମ୍ବର ୨୨ ନଂ. ଜାତୀୟ ଜଳପଥ



ଲୋକେ ବିପଦସଙ୍କୁଳ ଅବସ୍ଥାରେ ନାଳ ପାର ହେଉଛନ୍ତି।

ପ୍ରକଳ୍ପକୁ ମଞ୍ଜୁରି ମିଳିଥିଲା। ଏଥିମଧ୍ୟରୁ ପଶ୍ଚିମବଙ୍ଗରେ ୯୧ କିମି ଥିବା ବେଳେ ଓଡ଼ିଶାରେ ଅବଶିଷ୍ଟ ୫୩୨ କିମି ରହିଛି। ଏହି ଜଳପଥ ପ୍ରକଳ୍ପ କେତେକ କାରଣରୁ ନିର୍ମାଣ ବନ୍ଦ ହୋଇଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ଅଭାବରୁ ଏହାର ଅଗ୍ରଗତି ହୋଇପାରୁନାହିଁ। ଏହି ଜଳପଥ ମଧ୍ୟରେ ସିଂହଗାଁ କଣ୍ଡିଆ ନାଳ କାଣି ନଦୀ ଅନ୍ତର୍ଭୁକ୍ତ ରହିଛି। ତେବେ ଏହି ସେତୁ ନିର୍ମାଣ ସମୟରେ ଜାତୀୟ ଜଳପଥ ଅନ୍ତର୍ଭୁକ୍ତ ହେବାରୁ ତାହା ବନ୍ଦ ରହିଥିଲା। ମାତ୍ର ରଜ୍ୟସରକାର ଜଳପଥ-୨୨ ଅଧୀନରେ ବିଜୁ ସେତୁ ଯୋଜନାରେ ଏହାର କାମ ଆରମ୍ଭ କରିବାକୁ ଅର୍ଥ ବ୍ୟୟ ବରାଦ କରାଯାଇ ଏକ କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ୨୮।୭।୨୦୨୩ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୭।୭।୨୦୨୫ ସୁଦ୍ଧା କାମ ସାରିବାକୁ ଅବଧି ମଧ୍ୟ ଦିଆଯାଇଛି। ମାତ୍ର ୨୦୨୪ ମାର୍ଚ୍ଚ ହୋଇଥିବା ବେଳେ କାମ ଆରମ୍ଭ ହୋଇ ନ ଥିବାରୁ ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ସାମାଜିକ କର୍ମୀ ନରେନ୍ଦ୍ର ଧଳ କହିଛନ୍ତି, ଏହି କଣ୍ଡିଆ ନାଳ ସେତୁ ନିର୍ମାଣ ହେଲେ ସିଂହଗାଁ ପଞ୍ଚାୟତର ସିଂହଗାଁ, ନୂଆପାଟଣା, ସାନରାଉଳିଆ ଓ ବଡରାଉଳିଆ ଗାଁଗୁଡିକୁ ସବୁଦିନିଆ ଗମନାଗମନ ସୁବିଧା ସମ୍ଭବ ହେବ। ଏହାଦ୍ୱାରା ଆଳି ବ୍ଲକର ଏରଡଙ୍ଗ ଓ ପାଳିମି ପଞ୍ଚାୟତର ଦୂରତା କେନ୍ଦ୍ରାପଡ଼ାଠାରୁ ୨୫କି.ମି. କମିବ। ସହରଠାରୁ ସିଂହଗାଁ ମାତ୍ର ୨୬ କି.ମି. ଦୂର। ଏଠାରେ ପ୍ରସୂତିଙ୍କ ପାଇଁ ୧୦୨ ଆମ୍ବୁଲାନ୍ସ ସେବା ଏବେ ବି ଅପହଞ୍ଚ। ଗର୍ଭବତୀ ଭାର ସାହାଯ୍ୟରେ ୧୦ କିମି ଦୂର ଅଣ୍ଡରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ୨୨ କିମି ଦୂର ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ସିଂହଗାଁ, ରାଉଳିଆଡ଼ିଆ ଓ କୃଷ୍ଣଦାସପୁର ରାଜସ୍ୱ ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ ଦମକଳ ପହଁଞ୍ଚି ପାରୁନାହିଁ। କେବଳ ଏତିକି ନୁହେଁ, ଏହି ୩ ରାଜସ୍ୱ ଗ୍ରାମର ଛାତ୍ରୀଛାତ୍ର ନିକଟସ୍ଥ ବ୍ରାହ୍ମଣୀ କଲେଜକୁ ଯିବାକୁ କଣ୍ଡିଆ ନାଳ ବାଧା ସୃଷ୍ଟି କରୁଛି। ବର୍ଷକ ମଧ୍ୟରେ ପ୍ରାୟ ୮ ମାସ ଧୋୟାଅଞ୍ଚଳରେ ଥିବା ଏହି ୩ ରାଜସ୍ୱ ଗ୍ରାମର ଅଧିବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି।

### ବିପଦସଙ୍କୁଳ ନୌକା ଯାତ୍ରା

### ୩୬ କୋଟି ଟଙ୍କା ମଞ୍ଜୁର ହୋଇଥିଲେ ବି କାମ ଆଗଉନି

ସିଂହଗାଁର ପୂର୍ବତନ ସରପଞ୍ଚ ନିର୍ମଳ ଚନ୍ଦ୍ର ଜେନା କହିଛନ୍ତି। ଏହି ସେତୁ ନିର୍ମାଣ ପରେ ୩ ରାଜସ୍ୱ ଗ୍ରାମର ୫ ହଜାରରୁ ଅଧିକ ଅଧିବାସୀଙ୍କ ସମସ୍ୟା ସମାଧାନ ହେବ। ୨୦୦୮ରେ ସେତୁ ନିର୍ମାଣ ପାଇଁ କେତେକ ଜମି ସମସ୍ୟା ଦେଖାଦେଇଥିଲା। ୨୦୧୨ରେ ସରପଞ୍ଚ ଦାୟିତ୍ୱ ନେବା ପରେ ସ୍ଥାନୀୟ ଲୋକଙ୍କ ସହ ବୁଝାମଣା କରି ଜମି ଅଧିଗ୍ରହଣ ସମସ୍ୟାର ସମାଧାନ କରିଥିଲି। ପରେ ସେତୁ ନିର୍ମାଣ ବିଳମ୍ବକୁ ବରଦାସ୍ତ କରା ନ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାରମ୍ବାର ଆନ୍ଦୋଳନ ମଧ୍ୟ କରିଛୁ। ସେତୁ ନିର୍ମାଣ ପାଇଁ ଏଗ୍ରିମେଣ୍ଟ ହେବା ଶୁଣି ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ କାମ ଆରମ୍ଭ ନ ହେବାରୁ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ପୋଲ ନିର୍ମାଣ ଚାଲିଥିବା ବେଳେ ଠିକାଦର ନିର୍ମାଣ କାର୍ଯ୍ୟ ବିଳମ୍ବ କରୁଥିବା ପଟ୍ଟାମୁଣ୍ଡାଇ ଗ୍ରାମ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ବିନୋଦ ଦାଶ ସ୍ୱୀକାର କରିଛନ୍ତି। ତେବେ ଏହି ଅଞ୍ଚଳବାସୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସେତୁକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

# ଯାଜପୁରରେ ନକଲି ଆୟୁର୍ବେଦ ଡାକ୍ତର

**ଯାଜପୁର,୨୯।୨(ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲାର ଜାରକା ଓ ସିଂହପୁର ଅଞ୍ଚଳରେ ଆର୍ୟୁବେଦ ଡାକ୍ତର ପରିଚୟ ଦେଇ ରୋଗୀମାନଙ୍କୁ ମରଣମୁହଁକୁ ଠେଲି ଦେଉଥିବା ଅଭିଯୋଗ ହୋଇଛି। ଏନେଇ ନ୍ୟାୟ ପାଇଁ ଲଢେଇ ପରିବାର (ଓଡିଶା)ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାସ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆରସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଓଏଚଆରସିରେ ୮୧/ଇନ/୨୦୨୪ରେ ଏକ ମାମଲା ରୁଜୁ କରାଯାଇ ଯାଜପୁର ଜିଲାପାଳ, ସିଡିଏମଓ, ସ୍ୱାସ୍ଥ୍ୟ ସଚିବ, ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ଓଏଚଆରସିରେ ହୋଇଥିବା ଅଭିଯୋଗ ଅନୁସାରେ ଅମରେନ୍ଦ୍ର ନାଥ ନାମକ ଜଣେ ବ୍ୟକ୍ତି ଜିଲାର ଜାରକା ଏବଂ ସିଂହପୁର ଅଞ୍ଚଳରେ କ୍ଲିନିକ ଖୋଲିଛନ୍ତି। ସେ ଭୁବନେଶ୍ୱରରେ ବି ରୋଗୀ ସେବା କରୁଛନ୍ତି। ଏହା ଜଣା ପଡିବା ପରେ ଅଖିଳ ଭାରତ ଭାଷ୍ଟାଚାରୀ ବିରୋଧୀ ସଂଗଠନର ଆବାହକ ତଥା ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସୁବ୍ରତ ନନ୍ଦ ମୁଖ୍ୟ ଶାସନ ସଚିବ ଓଡ଼ିଶାଙ୍କୁ ଚିଠି କରିଥିଲେ। ସାଧାରଣତଃ ଆୟୁର୍ବେଦ ଡାକ୍ତରମାନେ ବିଏଏମ୍ଏସ୍ ଓ ଡିଏମ୍ଏମ୍ଏସ୍ ପାଠ ପଢୁଥିଲେ। ଏବେ ସେହି ସବୁ ବନ୍ଦ ହୋଇ କେବଳ ବିଏଏମ୍ଏସ୍ ପାଠ୍ୟକ୍ରମ ଅଛି। କିନ୍ତୁ ଏହି ଡାକ୍ତର ଜଣକ କୌଣସି ଶିକ୍ଷା ଗ୍ରହଣ ନ କରି ତାଙ୍କ ପ୍ରେସ୍କ୍ରିପ୍ସନ ପ୍ୟାଡରେ ବିଏଏମ୍ ଆର୍ୟୁବେଦ ଲେଖିଛନ୍ତି।

### ଓଏଚ୍ଆର୍ସିରେ ମାମଲା ରୁଜୁ

ତା'ପରେ ପ୍ରେସ୍କ୍ରିପ୍ସନରେ ଔଷଧର ନା ନ ଲେଖି ନମ୍ବର ପକାଉଛନ୍ତି । ସାଧାରଣ ଲୋକଙ୍କ ଅଭିଯୋଗ କ୍ରମେ ଯାଜପୁର ଜିଲା ଆର୍ୟୁବେଦ ମେଡିକାଲ ଅଫିସର ଏହି ନକଲି ଡାକ୍ତରଙ୍କ ପ୍ରମାଣପତ୍ରକୁ ଯାଞ୍ଚ ପାଇଁ ଭୁବନେଶ୍ୱର ୟୁନିଟ-୪ରେ ଥିବା ଷ୍ଟେଟ କାଉନସିଲ ଅଫ୍ ଆୟୁର୍ବେଦ ଓ ହୋମିଓପାଥିକ ଅଫିସକୁ ପଠାଇଥିଲେ। ଭୁବନେଶ୍ୱର ୟୁନିଟ-୪ରେ ଥିବା ଷ୍ଟେଟ କାଉନସିଲ ଅଫ ଆୟୁର୍ବେଦ ଓ ହୋମିଓପାଥିକ ଅଫିସ ଯାଞ୍ଚ କରିବାପରେ ତାଙ୍କର ରେଜିଷ୍ଟ୍ରେଶନ ନମ୍ବର ଭୁଲ ଥିବା ଜଣା ପଡିଥିଲା । ଆୟୁଷ ବିଭାଗର ରେଜିଷ୍ଟ୍ରେସନ ନମ୍ବର ୪ ଅଙ୍କ ବିଶିଷ୍ଟ ହୋଇଥିବା ବେଳେ ସଂପୃକ୍ତ ନକଲି ଡାକ୍ତରଙ୍କ ରେଜିଷ୍ଟ୍ରେଶନ ନମ୍ବର ୫ ଅଙ୍କ ବିଶିଷ୍ଟ ଅଛି। ଏହା ଜଣା ପଡିବା ପରେ ରାଜ୍ୟ ଆୟୁଷ ନିର୍ଦ୍ଦେଶକ ଏହି ସମ୍ବେଦନଶୀଳ ଘଟଣାରେ ଯାଜପୁର ଜିଲାପାଳ ଏବଂ ଯାଜପୁର ସିଡିଏମଓଙ୍କୁ ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏଣୁ ଉକ୍ତ ଘଟଣାରେ କମିଶନ ହସ୍ତକ୍ଷେପ କରି ସମ୍ପୃକ୍ତ ନକଲି ଡାକ୍ତର ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

# ଭିଜିଲାନ୍ସ କୋର୍ଟଙ୍କ ନିର୍ଦ୍ଦେଶ ହାଇକୋର୍ଟରେ ଖାରଜ

**କଟକ,୨୯।୨ (କାର୍ତ୍ତିକ ସାହୁ)**

### ରଘୁନାଥପୁର ବ୍ଲକ୍‌ରେ ନଳକୂପ ଦୁର୍ନୀତି ମାମଲା

### ତତ୍କାଳୀନ ଜେଇଙ୍କୁ ମିଳିଲା ଆଶ୍ୱସ୍ତି

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକରେ ୧୯୯୩ରେ ହୋଇଥିବା ଏକ ନଳକୂପ ଦୁର୍ନୀତି ମାମଲାରେ ତତ୍କାଳୀନ ଜେଇଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ୩୧ ବର୍ଷ ଧରି ଏକ ମାମଲାର ବିଚାର ପ୍ରକ୍ରିୟାକୁ ନେଇ ହାଇକୋର୍ଟ ବିଚାରପତି ଜି. ଶତପଥୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭିଜିଲାନ୍ସ ଦ୍ୱାରା ଆବେଦନକାରୀ ତତ୍କାଳୀନ ଜେଇ ନନ୍ଦକିଶୋର ପାଲ୍‌ଙ୍କ ବିରୋଧରେ ଆଗତ ମାମଲାକୁ ହାଇକୋର୍ଟ ଭିତ୍ତିହୀନ ଦର୍ଶାଇବା ସହ ଭିଜିଲାନ୍ସ ଅଦାଲତର ନିର୍ଦ୍ଦେଶକୁ ଖାରଜ କରିଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ରଘୁନାଥପୁର ବ୍ଲକରେ ୧୫୦ଟି ସାଲୋ ପଏଣ୍ଟ ନଳକୂପ ବସାଇବାରେ ଦୁର୍ନୀତି ହୋଇଥିବା ନେଇ କଟକ ଭିଜିଲାନ୍ସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ରଘୁନାଥପୁର ବିଡିଓଙ୍କ ପକ୍ଷରୁ ୧୫୦ଟି ନଳକୂପ ପାଇଁ ୨.୪୯ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା। ଆବେଦନକାରୀ ସେତେବେଳେ ରଘୁନାଥପୁର ବ୍ଲକରେ ଜେଇ ଭାବେ କାର୍ଯ୍ୟ କରୁଥିଲେ। ବିଡିଓ, ଅନ୍ୟ ଅଧିକାରୀ ମିଶି ୪୯ ଜଣ ହିତାଧିକାରୀଙ୍କ ସବ୍‌ସିଡି ଅର୍ଥ ୧,୪୭,୦୦୦ ଟଙ୍କାକୁ ନଳକୂପ ସାମଗ୍ରୀ କିଣାର ମିଥ୍ୟା କ୍ୟାଶ ମେମୋ ଦାଖଲ କରି ଆତ୍ମସାତ୍ କରିଥିଲେ। ଏପରି କି ନଳକୂପ ବସାଯାଇଥିବାର ମିଥ୍ୟା କାଗଜପତ୍ର ପ୍ରସ୍ତୁତ କରିଥିବା ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ଭିଜିଲାନ୍ସ ଆବେଦନକାରୀ ପାଲ୍‌ଙ୍କ ସମେତ ଅନ୍ୟମାନଙ୍କ ନାମରେ ମାମଲା (ନଂ.୫/୧୯୯୩) ଦାଏର କରିଥିଲା। ଭିଜିଲାନ୍ସ ମାମଲାର ତଦନ୍ତ କରି ପାଲ୍‌ଙ୍କ ସମେତ ୫୫ ଜଣଙ୍କ ନାମରେ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଦଫାରେ ଚାର୍ଜଶିଟ୍‌ଦାଖଲ କରିଥିଲା। ତତ୍କାଳୀନ ଜେଇ ଏହି ମାମଲାର ପିସି ଆକ୍ଟ ଓ ଆଇପିସିର କମିଶନ ଅଫ୍ ଅଫେନ୍ସରୁ ତାଙ୍କୁ ମୁକ୍ତ କରିବା ପାଇଁ ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତରେ ଆବେଦନ କରିଥିଲେ। ୨୦୧୪ ଅଗଷ୍ଟରେ ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଦଫା ୧୯ ଅଧୀନ ପିସି ଆକ୍ଟ ଓ ଆଇପିସିର କମିଶନ୍ ଅଫ୍ ଅଫେନ୍ସରୁ ମୁକ୍ତ କରିଥିଲେ। ମାତ୍ର ପୁଣି ଦଫା ୪୦୯/୪୨୦/୪୬୮/୪୭୧/୪୭୭(କ) ଓ ୩୪ ଆଇପିସିର କମିଶନ୍ ଅଫ୍ ଅଫେନ୍ସରେ ତାଙ୍କ ବିରୋଧରେ ଚାର୍ଜ ଫ୍ରେମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ପାଲ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଟିକେଟ ଦୌଡ଼ରେ ରତିକାନ୍ତ, ବିଶ୍ୱନାଥ

**ଡେରାବିଶ୍, ୨୯।୨ (ବେବର୍ତ୍ତା ଅଜୟ ଦାସ)**

୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ପାଟକୁରା ନିର୍ବାଚନମଣ୍ଡଳୀରେ ରାଜନୈତିକ ତାତି ଜୋର ଧରିଛି। ରାଜ୍ୟରେ ନିର୍ବାଚନମଣ୍ଡଳୀର ଅଧିକ ଗୁରୁତ୍ୱ ଥିବା ବେଳେ ଅଣକଂଗ୍ରେସ ଓ ଭାଜପା ଗଡ଼ ଭାବେ ପରିଚିତ ଥିବା ଏହି ନିର୍ବାଚନ ମଣ୍ଡଳୀଟି ଦୀର୍ଘବର୍ଷ ହେବ ବିଜେଡିର ବିଧାୟକ ପ୍ରତିନିଧିତ୍ୱ କରି ଆସୁଛନ୍ତି। ୨୦୦୯ ପରଠାରୁ ବରୀ-ଡେରାବିଶ ନିର୍ବାଚନମଣ୍ଡଳୀଠାରୁ ଅଲଗା ହୋଇ ଡେରାବିଶ ବ୍ଲକର ୨୬, ଗରଦପୁର ବ୍ଲକର ୧୮ ଓ ମାର୍ଶାଘାଇ ବ୍ଲକର ୭ ପଞ୍ଚାୟତ ଏପରି ସମୁଦାୟ ୫୧ଟି ପଞ୍ଚାୟତକୁ ନେଇ ନୂଆ ପାଟକୁରା ନିର୍ବାଚନମଣ୍ଡଳୀ ଗଠନ ହୋଇଥିଲା। ୨୦୦୯ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲ ଭାଜପା ସହ ପ୍ରତିଦ୍ୱନ୍ଦ୍ୱିତା କରି ୨୭ ହଜାରରୁ ଅଧିକ ଭୋଟରେ ନିର୍ବାଚିତ ହୋଇଥିଲେ। ସେହିପରି ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଭାବେ ସ୍ୱର୍ଗତ ଅଗ୍ରୱାଲ କଂଗ୍ରେସ ପ୍ରାର୍ଥୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ୪୭ ହଜାରରୁ ଅଧିକ ଭୋଟ ପାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନରେ କଂଗ୍ରେସ ତୃତୀୟ ସ୍ଥାନରେ ରହିଥିଲା। ସେହିପରି ୨୦୧୯ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ଭାବେ ସାବିତ୍ରୀ ଅଗ୍ରୱାଲ ଭାଜପା ପ୍ରାର୍ଥୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ୧୬ ହଜାରରୁ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ତୃତୀୟ ସ୍ଥାନରେ ରହି ଅମାନତ ହରାଇଥିଲେ। ତେବେ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ କଂଗ୍ରେସ ଦୁର୍ବଳ ଅବସ୍ଥାରେ ରହିଥିବା ବେଳେ ୨୦୧୯ ଉପନିର୍ବାଚନ ପରଠାରୁ ଦଳ ନିଜର ସାଙ୍ଗଠନିକ ଶକ୍ତିକୁ ସୁଦୃଢ଼ କରିବାକୁ ଜୋରସୋର ପ୍ରୟାସ ଆରମ୍ଭ କରିଥିଲା। ଏବେ ରତିକାନ୍ତ କାନୁନ୍‌ଗୋ, ବିଶ୍ୱନାଥ ଆଚାର୍ଯ୍ୟ ଟିକେଟ ଦୌଡ଼ରେ ରହିଥିବା ଚର୍ଚ୍ଚା ହେଉଛି।

୨୦୧୯ ନିର୍ବାଚନ ପରେ କଂଗ୍ରେସରେ ସାମିଲ ହୋଇଥିବା ରତିକାନ୍ତ କାନୁନ୍‌ଗୋ ଦଳର କର୍ମୀମାନଙ୍କୁ ଏକାଠି କରି କାର୍ଯ୍ୟକ୍ରମ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ପାଇଁ ନିଜର ପ୍ରୟାସ ଜାରି ରଖିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଦୁର୍ନୀତି ବିରୋଧରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ବିଭିନ୍ନ ଆନ୍ଦୋଳନ ମାଧ୍ୟମରେ କର୍ମୀମାନଙ୍କୁ ରତିକାନ୍ତ ସାମିଲ କରି ନିଜର ସଙ୍ଗଠନକୁ କିପରି ସୁଦୃଢ଼ କରାଯିବ ସେ ଦିଗରେ ପ୍ରୟାସ ଜାରି ରଖିଛନ୍ତି। ଆସନ୍ତା ନିର୍ବାଚନରେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହେଲେ ପାଟକୁରାରେ କଂଗ୍ରେସ ନିଶ୍ଚୟ ସୁଦୃଢ଼ ସ୍ଥିତିରେ ରହି ନୂଆ ଇତିହାସ ରଚିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ମାତ୍ର ଦଳର ଦୁର୍ବଳ ସ୍ଥିତିରେ ଥିବା ବେଳେ ଏହି ଦଳରେ ଆଉ ଏକ ନୂଆ ମୁହଁ ଭାବେ ଅବସରପ୍ରାପ୍ତ ପ୍ରଶାସକ ବିଶ୍ୱନାଥ ଆଚାର୍ଯ୍ୟ ସମାନ୍ତରାଳ ଭାବେ ଦଳୀୟ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ବାଇକ୍ ଯୋଗେ ବିଶ୍ୱନାଥ ଗାଁକୁ ଗାଁ ବୁଲି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ପ୍ରଚାର କରିବା ସହ ନିଜ ସପକ୍ଷରେ ଲୋକମତ ପାଇଁ ଓ କର୍ମୀମାନଙ୍କୁ ଏକାଠି କରିବା ଲାଗି ଉଦ୍ୟମ ଅବ୍ୟାହତ ରଖିଥିବା ଦେଖିବାକୁ ମିଳିଛି। ଅତୀତରେ ବିଶ୍ୱନାଥ ଡେରାବିଶ ବ୍ଲକରେ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ, ଗରଦପୁର ବ୍ଲକରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଡିଓ ଭାବେ କାର୍ଯ୍ୟଦକ୍ଷତା ପ୍ରତିପାଦନ କରିଥିଲେ। ନିଜର ଦକ୍ଷତା ପାଇଁ ଉଭୟ ବ୍ଲକ ଅଞ୍ଚଳରେ ଆଚାର୍ଯ୍ୟଙ୍କର ଥିବା ଲୋକପ୍ରିୟତାକୁ ଆଧାର କରି ଆଚାର୍ଯ୍ୟ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହେବା ପାଇଁ ଆଶା ରଖି ମଇଦାନକୁ ଓହ୍ଲାଇଛନ୍ତି। ଓଡ଼ିଶା ସରକାରଙ୍କ ଅଧୀନରେ ଅତିରିକ୍ତ ଶାସନ ସଚିବ ଭାବେ କାର୍ଯ୍ୟକରି ଅବସର ନେବା ପରେ ବିଶ୍ୱନାଥ ଖୁବ୍ କମ୍‌ଦିନ ହେବ କଂଗ୍ରେସରେ ସାମିଲ ହୋଇଥିଲେ। ଆସନ୍ତା ନିର୍ବାଚନରେ ସେ ପାଟକୁରାରେ ଦଳୀୟ ପ୍ରାର୍ଥୀ ହେବା ପାଇଁ ଆଶା ରଖି ଦଳର କର୍ମୀମାନଙ୍କୁ ଏକଜୁଟ କରୁଥିବା ଦେଖିବାକୁ ମିଳିଛି।

### ପାଟକୁରା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଶକ୍ତି ବୃଦ୍ଧି କରୁଛି



ରତିକାନ୍ତ କାନୁନ୍‌ଗୋ



ବିଶ୍ୱନାଥ ଆଚାର୍ଯ୍ୟ







## ସଂକ୍ଷେପରେ

### ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହେଲେ ସଞ୍ଜୟ

ନୟାଗଡ଼,୨୯।୨(ଲୋକନାଥ ମିଶ୍ର)



ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚାର ୪୮ଜଣିଆ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କର ନାଁ ପ୍ରକାଶ ପାଇଛି। ଏହି କାର୍ଯ୍ୟକାରିଣୀ ସଦସ୍ୟମାନଙ୍କ ମଧ୍ୟରେ ନୟାଗଡ଼ର ସଞ୍ଜୟ ନାୟକ ସ୍ଥାନ ପାଇଛନ୍ତି। ଆଗକୁ ନିର୍ବାଚନ ଆସୁଥିବାରୁ ଦଳ ଦେଇଥିବା କାର୍ଯ୍ୟକର୍ତ୍ତା ଦାୟିତ୍ୱକୁ ଠିକ ଭାବେ ପରିଚାଳନା କରିବି ବୋଲି ସଞ୍ଜୟ ନାୟକ କହିଛନ୍ତି।

### ସୂଚନା ଫଳକରେ ତ୍ରୁଟି, ଚିକିସ୍ଥାଳୟ ସ୍ଥାନରେ ଚିକିସାଳୟ

ନୟାଗଡ଼,୨୯।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ପୂର୍ତ୍ତ ବିଭାଗ ପକ୍ଷରୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ.ଜାତୀୟ ରାଜପଥର ଡିଭାଇଡର ମଝିରେ ତୀର ଚିହ୍ନ ଦେଇ ଲେଖା ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସାଳୟ ଶବ୍ଦର ବନାନ ଭୁଲ ଅଛି। ଚିକିତ୍ସାଳୟ ସ୍ଥାନରେ ଚିକିସାଳୟ ଉଲ୍ଲେଖ ଅଛି। ଯାହାକି ଓଡିଆ ଭାଷା ପ୍ରତି ଅପମାନ ବୋଲି କୁହାଯାଉଛି। ପୂର୍ତ୍ତ ବିଭାଗ ଏଭଳି ତ୍ରୁଟିର ଶୀଘ୍ର ସଂଶୋଧନ କରିବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ୮କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ନୟାଗଡ଼,୨୯।୨(ଲୋକନାଥ ମିଶ୍ର)

ଖଣ୍ଡପଡ଼ା ଅବକାରୀ ବିଭାଗର କର୍ମଚାରୀ ଗୁରୁବାର ପୂର୍ବାହ୍ନରେ ରାଜକିଆରି ଛକରେ ଚଢ଼ାଉ କରି ୮ କେଜି ଗଞ୍ଜେଇ ଜବତ କରିଛି। ଯାହାର ଦାମ ୮୦ ହଜାର ଟଙ୍କା ହେବ। ଏହି ଘଟଣାରେ କନ୍ଧମାଳ ଜିଲା ବାନଦାଗୁଡା ଗାଁର ଶୁକ୍ରବନ ଦିଗାଲ(୨୮)ଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ଏ ନେଇ ଏକ ମାମଲା(ନଂ.୧୧୮/୨୦୨୩) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

### ଆବର୍ଜନା ସଫେଇ କଲେ ଯୁବକ

ରଣପୁର,୨୯।୨(ସୁକାନ୍ତ କିଶୋର ଡାକୁଆ)

ରଣପୁର ବ୍ଲକ୍ ଡମସାହି ପଞ୍ଚାୟତ ମାଳିସାହିର ପାଚିଲାଗୋଡି ବନ୍ଧ ଅସନା ଓ ଅପରିଷ୍କାର ହୋଇ ପଡିଥିଲା। ସେଠାରେ ବର୍ଷର ବିଭିନ୍ନ ସମୟରେ ଭୋଜିଭାତର ଆସର ଲାଗି ରହୁଥିଲେ ମଧ୍ୟ କେହି ସଫେଇ କରୁ ନ ଥିଲେ। ତାଇୱାନରେ ରିସର୍ଚ୍ଚ କରୁଥିବା ମାଳସାହିର ଏଆରଆଇ ବୈଜ୍ଞାନିକ ପ୍ରସନ୍ନ କୁମାର ସାହୁଙ୍କ ୧୬ ବର୍ଷର ପୁଅ ପତିଭାନ ସାଇସ୍ୱରୂପ ଏହାକୁ ସଫେଇ କରିଛନ୍ତି। ଏହି କାମରେ ପୁଅକୁ ବାପା ପ୍ରସନ୍ନ ସହଯୋଗ କରିଥିଲେ। ପରେ ସାଇସ୍ୱରୂପଙ୍କୁ ତାଙ୍କ ସାଙ୍ଗମାନେ ବି ସାହାର୍ଯ୍ୟ କରିଥିଲେ।

# ଆନ୍ଦୋଳନ ଚେତାବନୀ ପରେ ରାସ୍ତା କାମ ଆରମ୍ଭ

**ସିଂଘାପଡା- ସମ୍ବରବିନ୍ଧା ରାସ୍ତା ଅନିୟମିତତା ପ୍ରସଙ୍ଗ**

ଖଣ୍ଡପଡ଼ା,୨୯।୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡା-ସମ୍ବରବିନ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ନୂଆପଲ୍ଲୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାର୍ଯ୍ୟ ଗତ ୩ ବର୍ଷ ଧରି ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିଲା। ଫଳରେ ଜନ ଅସନ୍ତୋଷ ଦେଖା ଦେବା ସହ ଆଖପାଖ ୧୨ ଗ୍ରାମର ବାସିନ୍ଦା ତୁରନ୍ତ ରାସ୍ତା ନିର୍ମାଣ ଦାବିରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ରାସ୍ତାରୋକୋ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ 'ସିଂଘାପଡା- ସମ୍ବରବିନ୍ଧା ରାସ୍ତା କାମକୁ ନେଇ ବିବାଦ' ଶୀର୍ଷକ ଏକ ଖବର ଗୁରୁବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଠିକାଦାରଙ୍କୁ କାମ ତୁରନ୍ତ ଆରମ୍ଭ କରିବାକୁ ତାଗିଦା କରାଯାଇଥିଲା। ଫଳରେ ଠିକାଦାର



ସିଂଘାପଡା-ସମ୍ବରବିନ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା।

ଗୁରୁବାରଠାରୁ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗର ବରିଷ୍ଠ ଯନ୍ତ୍ରୀ ରାଜ କିଶୋର ନାୟକ ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତା କାର୍ଯ୍ୟ ତଦାରଖ କରିଥିବା ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ଜଗବନ୍ଧୁ ମିଶ୍ର ସୂଚନା ଦେଇଛନ୍ତି। ଏହାଛଡା ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିବା ରାସ୍ତା ପିଚୁ ହେବା ସହ ପିଚୁ ଉଠି ଯାଇଥିବା ସ୍ଥାନ ପୁର୍ନବାର ମରାମତି କରାଯିବ ବୋଲି ସହକାରୀ ନିର୍ବାହୀଯନ୍ତ୍ରୀ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ଆଦିବାସୀ ଅଧ୍ୟୁଷିତ ଖଣ୍ଡପଡା ବ୍ଲକ ସିଂଘାପଡାଠାରୁ ସମ୍ବରବିନ୍ଧା ଅଞ୍ଚଳକୁ ଗମନା ଗମନର ସୁବିଧା ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତାର ନବୀକରଣ କରାଯାଉଛି। ୩ କୋଟି ଟଙ୍କା ବ୍ୟୟ ବରାଦରେ ୬.୩ କି.ମି. ଦୂରତ୍ୱ ବିଶିଷ୍ଟ ଉକ୍ତ ରାସ୍ତାର ନବୀକରଣ କାର୍ଯ୍ୟ ଚାଲୁ ରହିଛି। ହେଲେ ଏହି କାମ ନିମ୍ନମାନର ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାଛଡା ଉକ୍ତ କାର୍ଯ୍ୟ ଦୀର୍ଘ ୩ ବର୍ଷ ଧରି ମନ୍ଥର ଗତିରେ ଚାଲିଛି। ଯୁଦ୍ଧକାଳୀନ ଭିତିରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଆଖପାଖ ରୁପାପଲ୍ଲୀ, ହରିହରପ୍ରସାଦ, ନୂଆଗାଁ, କୁଟୁଣୀସିରା, ସମ୍ବରବିନ୍ଧା, ନୂଆପଲ୍ଲୀ, ଗିରିଡ଼ିପଲ୍ଲୀ, ବଡ଼ଝାର, ଟିକିରିବାରୀ, ସାରଣ୍ଡା, ବୁଡିଝାରୀ ଆଦି ୧୨ ଆଦିବାସୀ ଅଧ୍ୟୁଷିତ ଗ୍ରାମର ବାସିନ୍ଦା ଦାବି କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ନ ହେଲେ ଶତାଧିକ ଗ୍ରାମବାସୀ ଖଣ୍ଡପଡ଼ା ବାଇପାସ୍ ଠାରେ ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଥିଲେ।

# କୋସକା, କୁମ୍ଭାରପଡ଼ା ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨୯।୨ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ କୁମ୍ଭାରପଡା ଓ କୋସକା ପଞ୍ଚାୟତରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ସଜିତ ପଟ୍ଟନାୟକ, ଅମରେଶ ପଟ୍ଟନାୟକ,ସୁନୁବାସ ପଟ୍ଟନାୟକ, କାହ୍ନୁ ଚରଣ ରାଉଳ, ବାସୁଦେବ ରାଉଳ, ସଞ୍ଜୟ କୁମାର ସାହୁ, ଅଖିଳେଶ୍ୱର ପ୍ରଧାନ,ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, କୋସକା ପୂର୍ବତନ ସରପଞ୍ଚ ଅଖିଳ ପଟ୍ଟନାୟକଙ୍କ ସମେତ ବହୁ କର୍ମୀ, ସଂଗଠକ ଓ ପଞ୍ଚାୟତସ୍ତରୀୟ ଜନ ପ୍ରତିନିଧିଙ୍କ ସମେତ ଉଭୟ ପଞ୍ଚାୟତର ଶତାଧିକ ମହିଳା ଯୋଗଦେଇଥିଲେ । ଏ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ ଦଳୀୟ କର୍ମୀମାନେ ଶଙ୍ଖଚିହ୍ନ ପୋଷ୍ଟର ଲଗାଇଥିଲେ ।

# ନୂତନ ସିଡିପିଓ ଦାୟିତ୍ୱ ଗ୍ରହଣ କଲେ

ଭାପୁର,୨୯।୨ (ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକରେ ନୂତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣୀ ଭାବେ ତୃପ୍ତି ମହାପାତ୍ର ଯୋଗ ଦେଇଛନ୍ତି। ନୂତନ ସିଡିପିଓ ମହାପାତ୍ର ଏଠାକୁ ଆସିବା ପୂର୍ବରୁ ରାଉରକେଲାରେ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶିକା ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ପଦୋନ୍ନତି ହେବା ଯୋଗୁଁ ଭାପୁର ସିଡିପିଓ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ମହାପାତ୍ର କହିଛନ୍ତି, ସେ ତୃଣମୂଳସ୍ତରରୁ କାମ କରି ଆସିଛନ୍ତି। ଭାପୁର ବ୍ଲକର ମହିଳା ଓ ଶିଶୁମାନଙ୍କ ଉନ୍ନତି ପାଇଁ କାମ କରିବେ ବୋଲି କହିଛନ୍ତି। ସୂଚନା ଅନୁଯାୟୀ ପୂର୍ବତନ ସିଡିପିଓ ରେଣୁବାଳା ନନ୍ଦଙ୍କ ଢେଙ୍କାନାଳ ଜିଲା ସମାଜ କଲ୍ୟାଣ ଅଧିକାରୀ ଭାବେ ପଦୋନ୍ନତି ପାଇଁ ସେଠାରେ ଯୋଗଦାନ କରିଛନ୍ତି। ଫଳରେ ଦୀର୍ଘ ଦିନ ଧରି ଭାପୁରରେ ସିଡିପିଓ ପଦବୀ ଖାଲି ପଡିଥିଲା।

# ଜିଲାପାଳଙ୍କୁ ଚେତାବନୀ: ରାସ୍ତା ନାହିଁ ତ ଭୋଟ ନାହିଁ

ପାରଳାଖେମୁଣ୍ଡି,୨୯।୨ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋସାଣି ବ୍ଲକ ଉପଲଡା ପଞ୍ଚାୟତଠାରୁ ଚନ୍ଦନଖଳା ଗ୍ରାମ ମାତ୍ର ୮୦୦ମିଟର ଦୂର ହୋଇଥିଲେ ମଧ୍ୟ ଏହି ଗ୍ରାମକୁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରିଲା ନାହିଁ। ଦୀର୍ଘ ତିନି ଦଶନ୍ଧି ପୂର୍ବରୁ ଗ୍ରାମକୁ ମାଟି ରାସ୍ତା ଥିଲା ବେଳେ ୨୦୧୮-୧୯ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪୨ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଟେଣ୍ଡର ହୋଇଥିଲା। କିନ୍ତୁ ଟେଣ୍ଡର ପାଇଥିବା ଠିକାଦାର ରାସ୍ତା ନିର୍ମାଣ କରି ନ ଥିଲେ। ଏହି ଗ୍ରାମଟି ଜିଲା ସଦର ମହକୁମାଠାରୁ ୮ କିମି ଦୂରରେ ଥିବା ବେଳେ ଗ୍ରାମରେ ୧୫୦ ପରିବାରର ୬୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଚନ୍ଦନଖଳାଠାରୁ ଖେରଡା ଗ୍ରାମର ଦୂରତା ମାତ୍ର ଏକ କିଲୋମିଟର ହୋଇଥିବା ବେଳେ ଏହି ଗ୍ରାମରେ ୨୦୦ ପରିବାରର ପ୍ରାୟ ୯୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଏହି ଦୁଇ ଗ୍ରାମର ଲୋକେ ମୁଖ୍ୟତଃ ଚାଷୀ ଓ ମୂଲ ଲାଗି ଜୀବନ ଅତିବାହିତ କରନ୍ତି। ସେମାନେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ହାଇସ୍କୁଲ ଯିବା ପାଇଁ ଉପଲଡା କିମ୍ବା ପାରଳାଖେମୁଣ୍ଡି ଯିବା ପାଇଁ ଛାତ୍ରୀଛାତ୍ରମାନେ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ର କହିଲେ ଉପଲଡ କିମ୍ବା ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି।ଏହି ରାସ୍ତାରେ ଜରୁରୀକାଳୀନ ପରିସ୍ଥିତି ଆସିଲେ ଆମ୍ବୁଲାନ୍ସ ବି ପହଞ୍ଚି ପାରୁନାହିଁ। ପୂର୍ବରୁ ଏହିସବୁ ସମସ୍ୟା ନେଇ ସ୍ଥାନୀୟ ରାଜନେତାଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ଗୁରୁବାର ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଭେଟି ଗ୍ରାମର ସମସ୍ୟା ସମ୍ପର୍କରେ ଆଲୋଚନା କରି ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଖୁବଶୀଘ୍ର ଯଦି ଏହି ରାସ୍ତା ନିର୍ମାଣ ନ ହୁଏ ତେବେ ଆସନ୍ତା ନିର୍ବାଚନ ଭୋଟ ବର୍ଜନ କରିବେ ବୋଲି ଜିଲାପାଳଙ୍କୁ ମଧ୍ୟ ଚେତାବନୀ ଦେଇଛନ୍ତି। ଏ ନେଇ ଜିଲାପାଳ କହିଛନ୍ତି, ସେ ନିଜେ ତଦାରଖ କରି ଖୁବ ଶୀଘ୍ର ସମସ୍ୟାର ସମାଧାନ କରିବେ।

# ମୁଣ୍ଡିଆ ହନୁମାନ ପୀଠରେ ରାମଚରିତ ମାନସ ପାରାୟଣ

ଖଣ୍ଡପଡ଼ା,୨୯।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନଙ୍କ ପୀଠରେ ୧୦ମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପରାୟଣ ଚାଲିଛି। ଏହି କାର୍ଯ୍ୟକ୍ରମରେ କର୍ମାଚାର୍ଯ୍ୟ ଭାବେ ଗୋବର୍ଦ୍ଧନ ଷଡ଼ଙ୍ଗୀ, ବ୍ୟାସ ଭାବେ ସନ୍ୟାସୀ ଶ୍ୟାମସୁନ୍ଦର ଦାସ ମହାରାଜ ଦାୟିତ୍ୱ ତୁଲାଇଥିଲେ। ବିଭିନ୍ନ ଦିନରେ ପ୍ରବକ୍ତା ଭାବେ ପଣ୍ଡିତ ଦେବରାଜ ଦାଶ, ପଣ୍ଡିତ ଉମାକାନ୍ତ ସାହୁ, ପଣ୍ଡିତ ବସନ୍ତ ବିଶୋଇ, ପଣ୍ଡିତ ସୁଦାମ ଚରଣ ଦାଶ ପ୍ରବଚନ ପ୍ରଦାନ କରିଥିଲେ। ଏଥିପାଇଁ ପ୍ରବଚନ ମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ମର୍ଦ୍ଦରାଜପୁର ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି ଆସନ୍ତା ୬ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ସେଦିନ ସହ ରାବଣ ପୋଡ଼ି ଉତ୍ସବ କରାଯିବ ବୋଲି ଶ୍ରୀମୁଣ୍ଡିଆ ହନୁମାନ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ସୂଚନା ଦେଇଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୨୯।୨(ରାକେଶ କୁମାର ରାଉତ)

୨୦୧୭ରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଗୁରୁବାର ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି ମିହିର ରଞ୍ଜନ ପରିଡ଼ା ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୧୦ ମାସ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଫିରିଙ୍ଗିଆ ଥାନା ଅଞ୍ଚଳର ସରୋଜ ସାଣ୍ଢ(୨୬)।

ସୂଚନା ଅନୁସାରେ, ୨୦୧୭ ଜୁନ ୨୩ ତାରିଖରେ ସରୋଜ ଜନୈକା ୧୫ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରିନେଇ ଗୋଛାପଡା ଥାନା ଅନ୍ତର୍ଗତ ସଲାଗୁଡ଼ା ଗ୍ରାମରେ ମାଉସୀ ଘରେ ପ୍ରାୟ ୧୫ ଦିନ ରଖିଥିଲେ। ସେଠାରେ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ଲୋକମାନଙ୍କଠାରୁ ଖବର ପାଇ ପୀଡ଼ିତାଙ୍କ ବାପା ଫିରିଙ୍ଗିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାଧିକାରୀ ନଂ.୬୯/୧୭ରେ ମାମଲା ରୁଜୁ କରି ଜୁଲାଇ ୧୧ ତାରିଖରେ ଫିରିଙ୍ଗିଆ ବସ୍‌ଷ୍ଟାଣ୍ଡରୁ ପୀଡ଼ିତାକୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ୧୧ ଜଣ ସାକ୍ଷୀ ଓ ଡାକ୍ତରୀ ରିପୋର୍ଟକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସେହିପରି ପୀଡ଼ିତାଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରିବା ପାଇଁ ମଧ୍ୟ ଅଦାଲତ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ଦାବି ପୂରଣ ପରେ ଆନ୍ଦୋଳନ ପ୍ରତ୍ୟାହୃତ

ନୟାଗଡ଼,୨୯।୨(ଲୋକନାଥ ମିଶ୍ର)

ଦାବି ପୂରଣ ପରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଚାଲୁ ରହିଥିବା ଆନ୍ଦୋଳନ ଗୁରୁବାର ପ୍ରତ୍ୟାହୃତ ହୋଇଛି। ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ୬୪ ଜଣ କର୍ମଚାରୀ ଗତ ୨୨ ତାରିଖରୁ ବିଭିନ୍ନ ଦାବି ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ମହାବିଦ୍ୟାଳୟରେ କରିଥିଲେ। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ହସ୍ତକ୍ଷେପ ପରେ ଦାବି ପୂରଣ ହୋଇଛି। ଏହି ଅବସରରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ୨୦୨୩ ଜୁଲାଇରୁ ଆନ୍ଦୋଳନରତ କର୍ମଚାରୀଙ୍କ ବର୍ଦ୍ଧିତ ଦରମା ଲାଗୁ ହେବା ପାଇଁ ନିଷ୍ପତ୍ତି ହୋଇଛି। ଏଥି ସହିତ ବାର୍ଷିକ ସାମୁହିକ ବେତନ ଲାଗୁ କରାଯିବ



ଆନ୍ଦୋଳନରତ କର୍ମଚାରୀଙ୍କ ସହ ସାମାଜିକ କର୍ମୀ ଆଲୋଚନା କରୁଛନ୍ତି।

ବୋଲି ପ୍ରତିଶ୍ରୁତି ଦିଆଯାଇଛି। ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ଅଶ୍ୱିନୀ କୁମାର ନାୟକଙ୍କ କାର୍ଯ୍ୟାଳୟରେ ଗୁରୁବାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଚାଳନା କମିଟିର ସଭ୍ୟ ଏମ.ଆଉରଙ୍ଗଜେବ,ରାଜେନ୍ଦ୍ର କୁମାର ସାମନ୍ତରାୟ,ସୌଦାମିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିକ୍ଷକ ଓ ଅଣ ଶିକ୍ଷକ, କର୍ମଚାରୀମାନଙ୍କ ପକ୍ଷରୁ ସୂର୍ଯ୍ୟମଣି ପ୍ରଧାନ, ପ୍ରଶାନ୍ତ କୁମାର ପରିଡ଼ା, ସ୍ମିତା ସ୍ୱାଇଁ,ବୈଶାଳୀ ନନ୍ଦ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଜ ଘରର ପେଜ ପିଇ
ମାଇ ଗୁଲିଆ ଘରର ଭାତ ନ ଖାଇ।**

ରାଗି ଲୋକ ଚିଡ଼ିଚିଡ଼ା ପ୍ରକୃତିର ହୋଇଥାନ୍ତି। ଗାଳିମନ୍ଦ କରୁଥିଲେ ମଧ ତାହା ଗ୍ରହଣୀୟ। ଏପରି ବ୍ୟକ୍ତିଙ୍କ ପାଖରେ ପଛେ ଚାକିରି କରିବା ଶ୍ରେୟସ୍କର, ପରନ୍ତୁ ସ୍ତ୍ରୀ ବୁଦ୍ଧିରେ ଚାଲୁଥିବା ବ୍ୟକ୍ତି ପାଖରେ ଚାକିରି କରିବା ବା ମୁଣ୍ଡ ବିକିବା ଅନୁଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଥିର ପାଣି
ପଥର କାଟେ।**

ଯେତେ ଟାଣ ପଥର ହେଲେ ବି ଧୀରେ ଧୀରେ ବହୁଥିବା ପାଣିରେ ତାହା କ୍ଷୟ ହୋଇଯାଏ। କିନ୍ତୁ ଜୋରରେ ବହୁଥିବା ସ୍ରୋତରେ କିଛି ହୁଏ ନାହିଁ, ତା' ଦେହରେ ଶିଉଳି ବି ଲାଗେନି କି ମାଟି ଲାଗି ନ ଥାଏ। ସବୁ ଧୋଇ ହୋଇଯାଏ। ପରୋକ୍ଷରେ ସବୁ କଥା ଧୀର ସ୍ଥିର ହୋଇ ବୁଝି ବିଚାରି କଲେ କିଛି ଅସୁବିଧା ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୯।୨ (ଦୁର୍ଯ୍ୟୋଧନ ପାତ୍ର)



ଛତିଶଗଡ଼ର ଦାନ୍ତେୱାଡାରେ ଜଣେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେ ହେଉଛନ୍ତି ପୁସୁଗୁନ୍ନା ମାଓବାଦୀ କମିଟି ସଭାପତି ଗାଙ୍ଗି ମୁଚାକି। ସୂଚନା ଅନୁଯାୟୀ, ମୁଚାକି ଦୀର୍ଘ ବର୍ଷ ଧରି ମାଓବାଦୀ ସଙ୍ଗଠନରେ ସାମିଲ ରହି ଅନେକ ବଡ ବଡ ହିଂସାକାଣ୍ଡରେ ଜଡିତ ଥିଲେ। ତେବେ ଧୀରେ ଧୀରେ ସଙ୍ଗଠନ ଭୁଶୁଡ଼ିବା ସହ ନିଜର ନୀତି ଆଦର୍ଶ ହରାଉଥିବାରୁ ସେ ମାଓବାଦୀ ସଙ୍ଗଠନରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ। ଛତିଶଗଡ଼ରେ ସରକାରଙ୍କ ପକ୍ଷରୁ ମାଓବାଦୀ ଦମନ ସହ ଆତ୍ମସମର୍ପଣ ପାଇଁ ଘରକୁ ଫେର ଅଭିଯାନରେ ସେ ପ୍ରଭାବିତ ହେବା ପରେ ଗୁରୁବାର ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ସରକାରୀ ଯୋଜନା ଅଧୀନରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ରାଷ୍ଟ୍ରପତିଙ୍କ କେନ୍ଦୁଝର ଗସ୍ତ | 'ମୂଳକୁ ଭୁଲିଗଲେ ଅସ୍ତିତ୍ୱକୁ ଭୁଲିଯିବା'

■ ଜୁଆଙ୍ଗ ମୁଖିଆଙ୍କୁ ଉପହାର ଦେଲେ
■ ଆଦିବାସୀଙ୍କ ଉପରେ ଅଧ୍ୟୟନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

କେନ୍ଦୁଝର,୨୯।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ ହୋ, ମୁଣ୍ଡା, ଜୁଆଙ୍ଗ ଭଳି ବହୁ ଆଦିବାସୀ ବସବାସ କରୁଛନ୍ତି। ସେମାନେ ବିଭିନ୍ନ କାରଣରୁ ଆଗେଇପାରୁନାହାନ୍ତି। ଏଣୁ ବଣ ଜଙ୍ଗଲରେ ରହୁଥିବା ଅନଗ୍ରସର ଆଦିବାସୀଙ୍କ ବିକାଶ ଜରୁରୀ। ପୁରୁଣା କଥାକୁ ଭୁଲିବା ଉଚିତ ନୁହେଁ। ମୂଳକୁ ଭୁଲିଗଲେ ଅସ୍ତିତ୍ୱକୁ ଭୁଲିଯିବା ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଗୁରୁବାର ଦିନିକିଆ କେନ୍ଦୁଝର ଗସ୍ତରେ ଆସି ଜୁଆଙ୍ଗ ଜନଜାତି ଲୋକଙ୍କ ସହ ଆଲୋଚନା ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟର କେନ୍ଦୁଝର ଜନଜାତି; ଜନ, ସଂସ୍କୃତି ଓ ଐତିହ୍ୟ ଶୀର୍ଷକ ଜାତୀୟ ପାଠଚକ୍ର ଓ ଜନଜାତି ପ୍ରଦର୍ଶନୀର ଉଦ୍‌ଘାଟନ ସମାରୋହକୁ ଶୁଭାରମ୍ଭକରି ସେ ଏହା କହିଥିଲେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଧରଣୀଧର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଜନଜାତି ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ରାଷ୍ଟ୍ରପତି ମୟୂରଭଞ୍ଜ ଜିଲାରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୦ଟା ୩୦ରେ ସଦର ବ୍ଲକ୍ ରାଇସୁଆଁ ଏୟାରଷ୍ଟ୍ରିପ୍‌ରେ ପହଞ୍ଚିଥିଲେ। ସେଠାରୁ ସଡ଼କ ପଥରେ ବାଂଶପାଳ ବ୍ଲକ ଗୋନାସିକା ଯାଇଥିଲେ। ସେଠାରେ ଆଦିବାସୀମାନେ ପାରମ୍ପରିକ ଚାଙ୍ଗୁ ନାଚ କରି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ଅନୁଷ୍ଠିତ ସମାରୋହରେ ଉଦ୍‌ବୋଧନ ଦେଇ, ଆଗରୁ ଆମେ କହୁ ଢୋକେ ପିଇ ଦଣ୍ଡେ ଜିଇଁବୁ, କିନ୍ତୁ ଆଜି କହୁଛୁ ଆମେ ପୂରା ପିଇବୁ ଓ ପୂରା ଜିଇଁବୁ। ଏଣୁ ସରକାର ଜନଜାତିଙ୍କ ବିକାଶ ପାଇଁ ୩ ବର୍ଷରେ ୨୪ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ଜନଜାତିଙ୍କୁ ରାସ୍ତାଘାଟ, ସ୍କୁଲ, ସ୍ୱାସ୍ଥ୍ୟ ସୁବିଧା ଆଦି ମିଳିବା ଦରକାର। ସେମାନଙ୍କୁ ସ୍ନେହ ଶ୍ରଦ୍ଧା ଦେଇ ସମସ୍ୟାର ସମାଧାନ ଓ ସରକାରୀ ସୁବିଧା ବିଷୟରେ ସଚେତନ କରିବାକୁ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏଥିସହ ସରକାରୀ ଯୋଜନା ସମ୍ପର୍କରେ ଜାଣିବାକୁ ହେଲେ ଶିକ୍ଷା ଜରୁରୀ। ପଢ଼ିବା, ଜାଣିବା ଏବଂ ଆଗକୁ ବଢ଼ିବା। ନିଜେ ଭଲରେ ରହିବା, ନିଜର ଉନ୍ନତି କରିବା ଏବଂ ଦେଶର ଉନ୍ନତି କରିବା ବୋଲି ଉପସ୍ଥିତି ଜୁଆଙ୍ଗ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଜୁଆଙ୍ଗ ଜନଜାତି ଲୋକଙ୍କୁ ଆତ୍ମନିର୍ଭର ଓ ସ୍ୱାବଲମ୍ବୀ ପାଇଁ ସେମାନଙ୍କ ସାମର୍ଥ୍ୟ ଅନୁସାରେ ଟ୍ରେନିଂ ଦିଆଯାଉଛି। ଟ୍ରେନିଂ ପରେ ଆର୍ଥିକ ରୋଜଗାରକ୍ଷମ ହେବାକୁ ସୁଯୋଗ ଯୋଗାଇ ଦିଆଯାଉଛି ବୋଲି କହିଥିଲେ। ଯୁବତୀଯୁବକଙ୍କୁ ଟ୍ରେନିଂ ଦେଇ ଚାକିରି ଯୋଗାଇବା ଏବଂ ଋଣ ବ୍ୟବସ୍ଥା କରିବା ପାଇଁ ସୁଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ କଦଳିବାଡ଼ି ତଥା ଆଖପାଖ ଅଞ୍ଚଳର ଜୁଆଙ୍ଗ ଜନଜାତିର ମହିଳା, ପୁରୁଷ ଓ ବିଭିନ୍ନ ଜୁଆଙ୍ଗ ପୀଢ଼ର ସର୍ଦ୍ଦାରମାନଙ୍କଠାରୁ ଶିକ୍ଷା, ନିଯୁକ୍ତି, ବ୍ୟବସାୟ, ରୋଜଗାର, ମାଗଣା ଚାଉଳ, ଘର, ପାନୀୟ ଜଳ ଯୋଗାଣ ସୁବିଧା ବିଷୟରେ ବୁଝିଥିଲେ। ଏହି ଅବସରରେ ଜୁଆଙ୍ଗ ମୁଖିଆମାନଙ୍କୁ ଉପହାର ଦେବା ସହ ଛୋଟ ପିଲାମାନଙ୍କୁ ଚକୋଲେଟ୍ ଦେଇଥିଲେ।

ପରେ ରାଷ୍ଟ୍ରପତି ସ୍ଥାନୀୟ ଧରଣୀଧର ବିଶ୍ୱବିଦ୍ୟାଳୟରେ କେନ୍ଦୁଝର ଜନଜାତି; ଜନ, ସଂସ୍କୃତି ଓ ଐତିହ୍ୟ ଶୀର୍ଷକ ଜାତୀୟ ପାଠଚକ୍ର ଓ ଜନଜାତି ପ୍ରଦର୍ଶନୀର ଉଦ୍‌ଘାଟନ ସମାରୋହକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାରେ ବସବାସ କରୁଥିବା ହୋ, ମୁଣ୍ଡା, ଜୁଆଙ୍ଗଙ୍କ ଭଳି ଆଦିବାସୀ ବିଭିନ୍ନ କାରଣରୁ ଆଗେଇ ପାରୁନାହାନ୍ତି। ଆଦିବାସୀଙ୍କ ଖାଦ୍ୟପେୟ, ପର୍ବପର୍ବାଣି, ପୂଜାସ୍ଥଳୀ, କଳାସଂସ୍କୃତିର ବିକାଶ ଜରୁରୀ। ଶଯ୍ୟାଶାୟୀ ରୋଗୀ ମଧ ମାଦଳ ବାଦ୍ୟରେ ଉଠିଯାଏ। ପୁରୁଣା କଥାକୁ ଭୁଲିବା ଉଚିତ ନୁହେଁ, ମୂଳକୁ ଭୁଲିଗଲେ ଅସ୍ତିତ୍ୱକୁ ଭୁଲିଯିବା। ଏଣୁ ଆଲୋଚନାଚକ୍ରରେ ସାମିଲ ହୋଇଥିବା ପ୍ରତିଷ୍ଠିତ ଗବେଷକମାନେ ଆଲୋଚନା ମାଧ୍ୟମରେ ନିଷ୍କର୍ଷ ବାହାର କରିବାକୁ ସେ କହିଥିଲେ। ବର୍ତ୍ତମାନ ଗ୍ଲୋବାଲ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନ ବିଶ୍ୱର ମୁଖ୍ୟ ସମସ୍ୟା ହୋଇଛି। ପ୍ରକୃତିକୁ ସମ୍ମାନ ଜଣାଇବା ଓ ପ୍ରାକୃତିକ ସମ୍ବଳର ସର୍ବନିମ୍ନ ବ୍ୟବହାର କରିବା ଆଦିବାସୀ ଜୀବନଶୈଳୀ ହୋଇଛି। ଛାତ୍ରୀଛାତ୍ରମାନେ ଆଦିବାସୀଙ୍କ ଗ୍ରାମକୁ ଯାଇ ୪ରୁ ୫ଦିନ ରହି ସେମାନଙ୍କ ଜୀବନଶୈଳୀ ଅନୁଧ୍ୟାନକରି ସେମାନଙ୍କ ଉନ୍ନତି କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାରେ ସହାୟକ ହେବାକୁ କହିଥିଲେ। ଉଭୟ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ରଘୁବର ଦାସ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲାପାଳ ବିଶାଳ ସିଂହ, ଭାଇସ୍ ଚାନ୍ସେଲର ପ୍ରତାପ କୁମାର ମହାନ୍ତି ଉପସ୍ଥିତ ଥିଲେ। ଏସ୍‌ପି ନୀତିନ କୁଶଲକର ଦାଗଡୁଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

# 'ନୂଆ ଓଡ଼ିଶା ଯୁବପିଢ଼ିଙ୍କ ପାଇଁ ସୃଷ୍ଟି କରିଛି ବିପୁଳ ସୁଯୋଗ'

**ବାଲେଶ୍ୱରରେ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ**

ବାଲେଶ୍ୱର, ୨୯।୨ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ସଦର ମହକୁମାସ୍ଥିତ ପୋଲିସ ଲାଇନ ପଡ଼ିଆରେ ଅନୁଷ୍ଠିତ ହୋଇଛି ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ। ସମଗ୍ର ଜିଲାରୁ ଆସିଥିବା ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ନୂଆ ଓଡ଼ିଶା ଗଠନରେ ଯୁବଶକ୍ତି ଯୋଗଦାନ କରିବାକୁ ପ୍ରେରଣା ଦେଇଥିଲେ। ଏହା ଯୁବତୀଯୁବକମାନଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି। ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ସାଇନ୍ସ ଲ୍ୟାବ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ନୂଆ-ଓ କାର୍ଯ୍ୟକ୍ରମ ସୁଯୋଗ ଆଣିଛି ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲାର ୭୧ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ୩୦କୋଟି ୫୯ଲକ୍ଷ ୨୫ହଜାର ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ସେହିପରି ଛାତ୍ରୀଛାତ୍ରଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେମାନଙ୍କୁ ଖୁବଶୀଘ୍ର ସ୍ମାର୍ଟ କାର୍ଡ଼ ଯୋଗାଇ ଦିଆଯିବ, ଯଦ୍ୱାରା ସେମାନେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପାଇପାରିବେ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଛାତ୍ରବୃତ୍ତି ପାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ନୂଆ-ଓ କାର୍ଯ୍ୟକ୍ରମରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନରେ ଖୁସିବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ପ୍ରତିଭାରେ ସାରା ଓଡ଼ିଶା ଓ ଦେଶ ଗର୍ବ କରୁ ଏବଂ ସେମାନଙ୍କର ଦକ୍ଷତା ଅଧିକ ବିକାଶ ତଥା ସୁନ୍ଦର ଭବିଷ୍ୟତ ପାଇଁ ଓଡ଼ିଶା ସରକାର ନୂଆ ଓ ଛାତ୍ରବୃତ୍ତି ଆରମ୍ଭ କରିଛନ୍ତି ବୋଲି କହିଥିଲେ। ଅର୍ଥ ଅଭାବରୁ କୌଣସି ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଲାଭ କରିବାରୁ ବଞ୍ଚିତ ନ ହୁଅନ୍ତୁ ସେଥିପାଇଁ ଆରମ୍ଭ ହୋଇଛି ନୂଆ-ଓ ଛାତ୍ରବୃତ୍ତି। ଏହି ଯୋଜନା ଅନ୍ତର୍ଗତ ସାଧାରଣ ଓ ଓବିସି ବର୍ଗର ପ୍ରତ୍ୟେକ ଯୋଗ୍ୟ ଛାତ୍ରୀ ୧୦ ହଜାର ଓ ପ୍ରତ୍ୟେକ ଯୋଗ୍ୟ ଛାତ୍ର ୯ ହଜାର ଟଙ୍କା ବୃତ୍ତି ପାଇବେ। ସେହିଭଳି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରୀଛାତ୍ର ତଥା ନିର୍ମାଣ ଶ୍ରମିକ ଅଧୀନ ଛାତ୍ରୀଛାତ୍ରଙ୍କ ପାଇଁ ଏହି ଅର୍ଥ ରାଶି ଯଥାକ୍ରମେ ୧୦ହଜାର ଏବଂ ୧୧ହଜାର ଧାର୍ଯ୍ୟ କରାଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ପ୍ରତ୍ୟକ୍ଷ ଭାବେ ଏହାର ତଦାରଖ କରିଥିଲେ। ଜିଲା ପ୍ରଶାସନର ସମସ୍ତ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।



ଛାତ୍ରବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କ ଗହଣରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ।

**ପ୍ରଥମ ପୃଷ୍ଠାରୁ...**

## ଭାରତରେ ବଢ଼ୁଛି...

୧,୮୭୯ ଓ ୧,୦୭୦ ରହିଛି। ତେବେ ଶିବାଳିକ ପର୍ବତମାଳା ଓ ଗାଙ୍ଗେୟ ସମତଳ ଭୂମିରେ କଲରାପତରିଆ ବାଘଙ୍କ ସଂଖ୍ୟା ସାମାନ୍ୟ ହ୍ରାସ ପାଇଛି। ୨୦୧୮ରେ ଏହି ଅଞ୍ଚଳରେ ୧୨୫୩ଟି କଲରାପତରିଆ ବାଘ ଥିବା ବେଳେ ଏବେ ଏହି ସଂଖ୍ୟା କମି ୧୧୦୯ରେ ପହଞ୍ଚିଛି। ଆନ୍ଧ୍ର ପ୍ରଦେଶର ନାଗାର୍ଜୁନ ସାଗର-ଶ୍ରୀଶୈଳମ ବ୍ୟାଘ୍ର ଅଭୟାରଣ୍ୟ, ମଧ୍ୟପ୍ରଦେଶର ପନ୍ନା ଓ ସାତପୁରା ବ୍ୟାଘ୍ର ଅଭୟାରଣ୍ୟରେ ସର୍ବାଧିକ କଲରାପତରିଆ ବାଘ ରହିଥିବା ଏହି ରିପୋର୍ଟ ପ୍ରକାଶ କରିଛି। କଲରାପତରିଆ ବାଘମାନଙ୍କର ପଞ୍ଚମ ଥର ପାଇଁ କରାଯାଇଥିବା ଏହି ଗଣନା ଦେଶର ୧୮ଟି ରାଜ୍ୟରେ ହୋଇଥିଲା।

## ମାତୃଭାଷାରେ ଶିକ୍ଷାରୁ...

କୁଳସଚିବ ଡ. କାହ୍ନୁଚରଣ ଧୀର ଦୀକ୍ଷାନ୍ତ ସମାରୋହ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରି ଲିମିଟେଡ ପରିଚାଳନା ନିର୍ଦ୍ଦେଶକ ସତୀଶ ପାଇଙ୍କୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ତଥା ଡି.ଲିଟ୍ ଉପାଧି ପ୍ରଦାନ କରାଯାଇଥିଲା। ସେହିପରି ଏହି ସମାବର୍ତ୍ତନ ଉତ୍ସବରେ ୧୬୬ଜଣଙ୍କୁ ପି.ଏଚଡି. ଡିଗ୍ରୀ ଏବଂ ୯୫ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଏହାସହିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମିଶାଇ ୧୦୬ଜଣଙ୍କୁ ପୁରସ୍କାର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା।

## ସୋଲାର ପ୍ୟାନେଲରେ...

୨ କିଲୋୱାଟ୍ ପାଇଁ ୬୦ ହଜାର ଟଙ୍କା ଏବଂ ୩ କିଲୋୱାଟ କିମ୍ବା ତା'ଠାରୁ ଅଧିକ କ୍ଷମତାର ସିଷ୍ଟମ ଲଗାଇବା ପାଇଁ ୭୮,୦୦୦ ଟଙ୍କା ଯୋଗାଇବେ। ଏଥିପାଇଁ ପରିବାରକୁ ନ୍ୟାଶନାଲ ପୋର୍ଟାଲ ଜରିଆରେ ସବ୍‌ସିଡି ପାଇଁ ଆବେଦନ କରିବାକୁ ହେବ। ସେମାନେ ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲଗାଇବା ପାଇଁ ଉପଯୁକ୍ତ ଭେଣ୍ଡର ଚୟନ କରିପାରିବେ। ଉକ୍ତ ପୋର୍ଟାଲ ଜରିଆରେ ସୋଲାର ସିଷ୍ଟମ ଲଗାଇବା ସମ୍ପର୍କିତ ଆନୁଷଙ୍ଗିକ ତଥ୍ୟ ଯୋଗାଇ ଦିଆଯିବ। ଏହା ବ୍ୟତୀତ ୩ କିଲୋୱାଟ୍ ପର୍ଯ୍ୟନ୍ତ ଘରୋଇ ରୁଫ୍‌ଟପ୍ ସୋଲାର ସିଷ୍ଟମ ଲଗାଇବା ପାଇଁ ପରିବାରଗୁଡ଼ିକୁ ବିନା ଆନୁଷଙ୍ଗିକ ଖର୍ଚ୍ଚରେ ୭ ପ୍ରତିଶତ ସୁଧରେ ଋଣ ଯୋଗାଇଦିଆଯିବ। ପ୍ରତି ଜିଲାରେ ଗୋଟିଏ ଲେଖାଏ ମଡେଲ ସୋଲାର ଭିଲେଜ୍‌ର ବିକାଶ କରାଯିବ। ଗ୍ରାମାଞ୍ଚଳରେ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥାକୁ ଗ୍ରହଣ କରିବା ପାଇଁ ଏହା ରୋଲ୍ ମଡେଲ ଭାବେ କାର୍ଯ୍ୟ କରିବ। ସେହିପରି ଚଳିତ ବର୍ଷ ଖରିଫ ଋତୁ ପାଇଁ ଫସ୍‌ଫେଟିକ୍ ଓ ପଟାସିକ୍ (ପି ଆଣ୍ଡ କେ) ସାର ଉପରେ ୨୪,୪୨୦ କୋଟି ଟଙ୍କାର ସବ୍‌ସିଡି ଦେବାକୁ କେନ୍ଦ୍ର ସରକାର ଗୁରୁବାର ଘୋଷଣା କରିଛନ୍ତି। କୃଷକମାନଙ୍କୁ କୁଇଣ୍ଟାଲ ପ୍ରତି ୧,୩୫୦ ଟଙ୍କା ଦରରେ ଡିଏପି ସାର ଯୋଗାଇ ଦିଆଯିବ। ଡିଏପି ବ୍ୟତୀତ ଅନ୍ୟ ପ୍ରମୁଖ ଫସ୍‌ଫେଟିକ୍ ଏବଂ ପଟାସିକ୍ ସାରର ଖୁଚୁରା ଦର ଅପରିବର୍ତ୍ତିତ ରହିବ ବୋଲି କେନ୍ଦ୍ର କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସି ଖରିଫ ଋତୁ ପାଇଁ ପି ଆଣ୍ଡ କେ ସାର ଉପରେ ସବ୍‌ସିଡି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ନାଇଟ୍ରୋଜେନ୍ ସାର ଉପରେ କିଲୋଗ୍ରାମ୍ ପ୍ରତି ସବ୍‌ସିଡି ୪୭.୦୨ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଫସ୍‌ଫେଟିକ ସାରରେ ୨୮.୭୨ ଟଙ୍କା, ପଟାସ ସାରରେ ୨.୩୮ ଟଙ୍କା ସଲ୍‌ଫର ସାର ଉପରେ ୧.୮୯ ଟଙ୍କା ରଖାଯାଇଥିବା କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ କହିଛନ୍ତି। ଗତ ରବି ଋତୁରେ ଫସ୍‌ଫେଟିକ୍ ସାର ଉପରେ ସବ୍‌ସିଡି ୨୦.୮୨ ଟଙ୍କା ରହିଥିଲା। ଅନ୍ୟପକ୍ଷରେ ନାଇଟ୍ରୋଜେନ୍, ପଟାସିକ୍ ଏବଂ ସଲ୍‌ଫର ସାର ଉପରେ ସବ୍‌ସିଡି ଖରିଫ ଋତୁ ପାଇଁ ଅପରିବର୍ତ୍ତିତ ରହିଛି।

## ପିଏମ୍‌ଶ୍ରୀ ସ୍କୁଲ୍...

ଅଞ୍ଚଳରୁ ୬,୪୪୮ ସ୍କୁଲକୁ ଉନ୍ନୀତ କରିବା ପାଇଁ ଚୟନ କରାଯାଇଛି। ସମଗ୍ର ଶିକ୍ଷା ଯୋଜନାରେ କେନ୍ଦ୍ରଠାରୁ ପାଣ୍ଠି ନେଇ ଉପରୋକ୍ତ ରାଜ୍ୟ ପିଏମ୍‌ଶ୍ରୀ ସ୍କୁଲ୍ ପାଇଁ ଏମ୍‌ଓୟୁ ସ୍ୱାକ୍ଷର ନ କରିବା ଚିନ୍ତାଜନକ। ପଞ୍ଜାବ ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ ମଧ ଏହାକୁ କାର୍ଯ୍ୟକାରୀ କରୁ ନ ଥିବା ଏକ ସୂତ୍ରରୁ କୁହାଯାଇଛି।

## ଏବେ ବି...

ଭଣ୍ଡାରରେ ଥିବା ଅଳଙ୍କାରଗୁଡ଼ିକୁ ଗଣତି କରାଯାଇଥିଲା। ଏହା ପରେ ୧୯୮୦ ମେ'ରେ ଅନୁଷ୍ଠିତ ରାଜ୍ୟ ବିଧାନସଭା ନିର୍ବାଚନରେ ନୀଳମଣିଙ୍କ ନେତୃତ୍ୱାଧୀନ ଜନତା ଦଳ ସରକାରର ପତନ ଘଟିଥିଲା। ଏହି ନିର୍ବାଚନରେ କଂଗ୍ରେସ ସରକାର ଗଠନ କରିଥିଲା। କଂଗ୍ରେସ ନେତା ଜାନକୀ ବଲ୍ଲଭ ପଟ୍ଟନାୟକ (୧୯୮୦-୧୯୮୯) ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୮୫ ଜୁଲାଇ ୧୪ ରତ୍ନଭଣ୍ଡାର ଖୋଲିବାକୁ ଉଦ୍ୟମ ହୋଇଥିଲା। ପରବର୍ତ୍ତୀ ସମୟରେ ୧୯୯୮ରେ ଜାନକୀଙ୍କୁ ମୁଖ୍ୟମନ୍ତ୍ରୀ ପଦ ହରାଇବାକୁ ପଡ଼ିଥିଲା।

## ରତ୍ନଭଣ୍ଡାର ଅଳଙ୍କାର...

ବୈଠକ ବସି କାର୍ଯ୍ୟପନ୍ଥା ସ୍ଥିର କରାଯିବ। ତେବେ ଆଗାମୀ ଦିନରେ ମହାପ୍ରଭୁଙ୍କ ଯାନିଯାତ୍ରା ଥିବାରୁ ବର୍ତ୍ତମାନ ସମୟରେ ରତ୍ନଭଣ୍ଡାର ଖୋଲିବା ସମ୍ଭବ ହେବନାହିଁ। ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ୧୩ ଦିନ ସମୟ ମିଳିଥାଏ। ତେଣୁ ସେହି ସମୟରେ ଖୋଲିବା ଓ କାର୍ଯ୍ୟ କରିବା ପାଇଁ ପୂର୍ବରୁ ଏଏସ୍‌ଆଇକୁ ପ୍ରସ୍ତାବ ଦିଆଯାଇଥିଲା। ଯାହାକୁ ଏଏସ୍‌ଆଇ ଗ୍ରହଣ କରିଥିଲା। ତେଣୁ ପରବର୍ତ୍ତୀ ବୈଠକ ପରେ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି କର ପ୍ରକାଶ କରିଛନ୍ତି। ସେହିପରି ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ସରକାରଙ୍କ ଚିଠି ପହଞ୍ଚି ନାହିଁ। ଚିଠି ପହଞ୍ଚିବା ପରେ ଯାହାକିଛି ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ସରକାର ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଏପରି ନିଷ୍ପତ୍ତି ନେଇଛନ୍ତି, ଯାହା କେବଳ ନିର୍ବାଚନୀ ଚାଲ୍। କମିଟି ଗଠନ କରାଗଲା ସତ, ହେଲେ ଏହା କେବେ କାର୍ଯ୍ୟକାରୀ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୮ ଏପ୍ରିଲ ୪ରେ ୧୫ ଜଣିଆ କମିଟି ରତ୍ନଭଣ୍ଡାର ସ୍ଥିତି ଅନୁଧ୍ୟାନ କରିଥିବା ଯାଇଥିଲେ। ତେବେ ଚାବିକାଠି ହଜିଯାଇଥିବାରୁ ବାହାରପଟୁ ସ୍ଥିତି ଅନୁଧ୍ୟାନ କରି ଫେରିଆସିଥିଲେ।

## ରତ୍ନଭଣ୍ଡାର କାନ୍ଥରେ...

ଟେକ୍ନିକାଲ ଟିମ୍ ତର୍ଜମା କରିବା ପରେ ଆସନ୍ତା ପରିଚାଳନା କମିଟିରେ ଉପସ୍ଥାପନ କରାଯିବ। ଶ୍ରୀମନ୍ଦିର ୪ଦ୍ୱାର ସହ କୂର୍ମବେଢ଼ା ଓ ମେଘନାଦ ପାଚେରୀକୁ ଆଲୋକୀକରଣ କରାଯିବ। ଏ ନେଇ ବଜେଟ ଗୃହୀତ ହୋଇଛି। ଆସନ୍ତା କିଛି ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେବା କଲ୍ୟାଣ କମିଟି ଓ ନୀତି ସବ୍ କମିଟି, ଗୁରୁକୁଳ ଆଦି ସମ୍ପର୍କରେ ଆଲୋଚନା କରାଯାଇଛି। ସେହିପରି ଏଏସ୍‌ଆଇର ଓଡ଼ିଶା ମୁଖ୍ୟ ଡି.ବି. ଗଡନାୟକ କହିଛନ୍ତି, ନାଟ ମନ୍ଦିର ମରାମତି କାର୍ଯ୍ୟ ଆଗେଇ ଚାଲିଛି। ମେଘନାଦ ପାଚେରୀ, ଚାରିଦ୍ୱାର, କୁରୁମବେଢା ଆଦିର ଆଲୋକୀକରଣ କାର୍ଯ୍ୟ ଆସନ୍ତା ୨ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାର ବାହାର କାନ୍ଥର ଲେଜ୍‌ର ସ୍କାନିଂର ରିପୋର୍ଟ ପ୍ରଦାନ କରାଯାଇଛି। ରତ୍ନଭଣ୍ଡାର ବହାର କାନ୍ଥରେ ଯେଉଁ କିଛି ସ୍ଥାନ ଦୁର୍ବଳ ରହିଛି ସେଠାକାର ପ୍ଲାଷ୍ଟର ଛଡାଯାଇ ତାହାର ତଦାରଖ କରାଯିବ। ଫଳରେ ପଥର କି ପ୍ଲାଷ୍ଟରରେ ଫାଟ ରହିଛି ଜଣାପଡିବ। ବର୍ଷାଋତୁ ପୂର୍ବରୁ କାର୍ଯ୍ୟ ସମ୍ପନ୍ନ କରିବାକୁ ଲକ୍ଷ୍ୟ ରଖାଯାଇଛି। ରତ୍ନଭଣ୍ଡାରର ମରାମତି ଆବଶ୍ୟକ ରହିଛି। ରଘୁନନ୍ଦନ ଲାଇବ୍ରେରୀ ଓ ଶ୍ରୀମନ୍ଦିର ଅଭ୍ୟର୍ଥନ କେନ୍ଦ୍ର ନିର୍ମାଣ ପାଇଁ ଏନ୍‌ଏମ୍‌ଏ ଅନୁମତି ପ୍ରଦାନ କରିଛି।

# ନିୟମିତ ହେବେ ୫୦୪ ଶିଶୁ ବିକାଶ ବିଭାଗ ଚୁକ୍ତିଭିତ୍ତିକ ସୁପରଭାଇଜର

**୮ ପ୍ରସ୍ତାବକୁ କ୍ୟାବିନେଟ ମୋହର**

■ ଜଳ-ପାଣିପାଗ ତଥ୍ୟ ପାଇଁ ସ୍ଥାପନ ହେବ ରାଜ୍ୟ ଜଳ ସୂଚନା ବିଜ୍ଞାନ କେନ୍ଦ୍ର

ଭୁବନେଶ୍ୱର,୨୯।୨(ଅନିଲ ଦାସ)

ଦୀର୍ଘଦିନ ଧରି ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟରତ ୫୦୪ ଜଣ ଚୁକ୍ତିଭିତ୍ତିକ ସୁପରଭାଇଜରଙ୍କ ଚାକିରିକୁ ରାଜ୍ୟ ସରକାର ନିୟମିତ କରିଛନ୍ତି। ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟର ଅନୁମୋଦନ ମିଳିଛି। ସେମାନଙ୍କ ଚାକିରି ନିୟମିତ ହେବା ଦ୍ୱାରା ରାଜ୍ୟରେ ଅତ୍ୟାବଶ୍ୟକ ସେବାଗୁଡ଼ିକର ନିରନ୍ତର ବିତରଣ ଓ ରାଜ୍ୟରେ ସମନ୍ୱିତ ଶିଶୁ ବିକାଶ ସେବା(ଆଇସିଡିଏସ୍) କାର୍ଯ୍ୟକ୍ରମ ଅଧୀନରେ ଥିବା ସମାଜର ଅସୁରକ୍ଷିତ ଶିଶୁ ଓ ମହିଳାମାନଙ୍କୁ ସହାୟତା ପ୍ରଦାନ କରିବାରେ ସହାୟକ ହେବ। ଏହି ଚୁକ୍ତିଭିତ୍ତିକ ସୁପରଭାଇଜର ସଂଘ ଜରିଆରେ ମିଳିଥିବା ଦାବିପତ୍ର ଓ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିକୁ ଦେଇଥିବା ଆବେଦନକୁ ଦୃଷ୍ଟିରେ ରଖି ସେମାନଙ୍କ ଚାକିରିକୁ ନିୟମିତ କରିବା ପାଇଁ ବିଚାର ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ୧୮.୫୧ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ। ଚାକିରି ନିୟମିତ ହେବା ଫଳରେ ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳର ଶିକ୍ଷିତ ମହିଳାମାନଙ୍କୁ ନିଷ୍ଠାର ସହ ସୁପରଭାଇଜର ଭାବେ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରିବ।

ରାଜ୍ୟ ପାଇଁ ଜଳ-ପାଣିପାଗ ତଥ୍ୟର ଏକ ବିସ୍ତୃତ ଭଣ୍ଡାର ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟ ଜଳ ସୂଚନା ବିଜ୍ଞାନ କେନ୍ଦ୍ର ସ୍ଥାପନ ହେବ। ଏହାଦ୍ୱାରା ଓଡ଼ିଶାରେ ଜଳସମ୍ପଦ ପରିଚାଳନାକୁ ବଢ଼ାଇବା, ସୁଚିନ୍ତିତ ନିଷ୍ପତ୍ତି ଗ୍ରହଣ ଓ ଶୃଙ୍ଖଳିତ ନୀତି ଯୋଜନାକୁ ପ୍ରୋତ୍ସାହିତ କରିବା ଦିଗରେ ଏହା ସହାୟକ ହେବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଜଳ-ପାଣିପାଗ ବିଜ୍ଞାନ ତଥ୍ୟ ଆଦାନପ୍ରଦାନକୁ ସୁଗମ କରିବା ପାଇଁ ରାଜ୍ୟ ଜଳ ସୂଚନା ବିଜ୍ଞାନ କେନ୍ଦ୍ର ଜାତୀୟ ଜଳ ସୂଚନା ବିଜ୍ଞାନ କେନ୍ଦ୍ର ସହିତ ନିରବଚ୍ଛିନ୍ନ ଭାବେ ସହଯୋଗ କରିବ। ଏଥିରେ ଜଳସମ୍ପଦ କ୍ଷେତ୍ରରେ ଜ୍ଞାନ ଥିବା ଦକ୍ଷ ଟିମ୍ ରହିବେ। ବାହ୍ୟ ସଂସ୍ଥାରୁ ଆଉଟସୋର୍ସିଂ ଭାବେ ନିୟୋଜିତ ହୋଇପାରିବେ। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏଥିସହିତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା କ୍ୟାଡର ସଂଶୋଧନ ଓ ସେବା ସର୍ତ୍ତାବଳୀ ସଂକ୍ରାନ୍ତ ବିଭିନ୍ନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟରେ ମୋଟ ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୬ଟି ପ୍ରସ୍ତାବ ସମେତ ଜଳସମ୍ପଦ, ମହିଳା ଓ ଶିଶୁ ବିକାଶ ବିଭାଗର ଗୋଟିଏ ଲେଖାଏ ପ୍ରସ୍ତାବକୁ ମିଶାଇ ମୋଟ ୮ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଓଡ଼ିଶା ନର୍ସିଂସେବା କ୍ୟାଡରର ପୁନର୍ଗଠନ ଏବଂ ଓଡ଼ିଶା ନର୍ସିଂସେବା ଚୟନ ପ୍ରକ୍ରିୟା ଓ ଚାକିରି ସର୍ତ୍ତାବଳୀ-୨୦୧୯ର ପୁନଃ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ଓଡ଼ିଶା ରେଡିଓଗ୍ରାଫର ସେବା ସଂବର୍ଗର ପୁନର୍ଗଠନ ଏବଂ ଓଡ଼ିଶା ରେଡିଓଗ୍ରାଫର ସେବା ଚୟନ ପ୍ରକ୍ରିୟା ଓ ଚାକିରି ସର୍ତ୍ତାବଳୀ ୨୦୧୯ର ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପ୍ରଣିତ ଭାରତୀୟ ଜନସ୍ୱାସ୍ଥ୍ୟ ପରିମାପକ ସଂଶୋଧିତ ନିୟମାବଳୀ -୨୦୨୨ ଅନୁଯାୟୀ, ରାଜ୍ୟ ସରକାର ଅନୁରୂପ ଉନ୍ନତମାନର ସମସ୍ତ ସ୍ୱାସ୍ଥ୍ୟ ସେବା ରାଜ୍ୟବାସୀଙ୍କୁ ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ସଂଶୋଧନ ଓଡ଼ିଶା ରେଡିଓଗ୍ରାଫର ସେବା ବର୍ଗର ୬୯୫ ମୂଳ ପଦବୀରୁ ୪୦ ପଦବୀ ଉଚ୍ଛେଦ କରାଯାଇ ୪୭୯ ନୂତନ ପଦୋନ୍ନତିଭିତ୍ତିକ ପଦବୀରେ ବୃଦ୍ଧି କରାଯାଇ ସମୁଦାୟ ମଞ୍ଜୁରିପ୍ରାପ୍ତ ପଦବୀ ସଂଖ୍ୟା ୧୧୬୦ କରାଯାଇଛି। ଏହି ସଂଶୋଧନ ଫଳରେ ବରିଷ୍ଠ ରେଡିଓଗ୍ରାଫର ସ୍ତର-୧, ବିକିରଣ ନିରାପତ୍ତା ଅଧିକାରୀ ଏବଂ ସହକାରୀ ନିର୍ଦ୍ଦେଶକ ପଦୋନ୍ନତିଭିତ୍ତିକ ପଦବୀ ସୃଷ୍ଟି ହୋଇଛି। ମେଡିକାଲ ରେଡିଏଶନ ଟେକ୍ନୋଲୋଜିରେ ସ୍ନାତକ ଯୋଗ୍ୟତା ଥିବା ପ୍ରାର୍ଥୀମାନେ ରେଡିଓଗ୍ରାଫର ପାଇଁ ଆବେଦନ କରିପାରିବେ। ବିଭିନ୍ନ ଉଚ୍ଚ ପଦବୀକୁ ପଦୋନ୍ନତି ନିମନ୍ତେ ନିମ୍ନ ପଦବୀରେ ପୂର୍ବରୁ ଥିବା ସର୍ବନିମ୍ନ ସମୟ ସୀମାକୁ ହ୍ରାସ କରାଯାଇଛି। ଏହି ପୁନର୍ଗଠନ ଯୋଗୁ ବାର୍ଷିକ ଅତିରିକ୍ତ ବ୍ୟୟଭାର ଆନୁମାନିକ ୩୩ କୋଟି ୫୧ ଲକ୍ଷ ଟଙ୍କା ହେବ।

# ପ୍ରଚାରରେ ସୀମିତ ପ୍ଲାଷ୍ଟିକ, ପଲିଥିନ୍ ବର୍ଜନ

- ପୋତିହେଉଛି ଗୋବରୀ ନଦୀ,କେନାଲ ଜଳପଥ
- ପ୍ଲାଷ୍ଟିକ ମାଟିରେ ନ ମିଶିବାରୁ କମୁଛି ଭୂତଳ ଜଳସ୍ତର

କେନ୍ଦ୍ରାପଡ଼ା,୨୯।୨ (ଜଗନ୍ନାଥ ଧଳ)

ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ବର୍ଜନ ପାଇଁ ୩ଦିନ ଧରି ପୌର ପରିଷଦ କାର୍ଯ୍ୟାଳୟ ପକ୍ଷରୁ କେନ୍ଦ୍ରାପଡ଼ା ସହରରେ ପ୍ରଚାର ଚାଲିଛି। କୌଣସି ବ୍ୟବସାୟୀ ଏହାକୁ ଅମାନ୍ୟ କଲେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହେବ ବୋଲି କୁହାଯାଉଛି। ତେବେ ଏହି ପ୍ରଚାର ସହରର ବ୍ୟବସାୟୀଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରୁନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ ଗାନ୍ଧୀ ଜୟନ୍ତୀରେ ଏ ନେଇ ଆହ୍ୱାନ ଦେଇଥିଲେ। ଏହାକୁ ଇତିମଧ୍ୟରେ ୮ ବର୍ଷ ବିତିଛି। ସେହିପରି ବର୍ଜ୍ୟବସ୍ତୁ ପରିଚାଳନା ଆଇନକୁ ଗୁରୁତ୍ୱ ଦେବାକୁ ନ୍ୟାଶନାଲ ଗ୍ରୀନ ଟ୍ରିବୁନାଲ (ଏନ୍‌ଜିଟି) ନିର୍ଦ୍ଦେଶ ଦେବା ସହ ବ୍ୟତିକ୍ରମରେ କେନ୍ଦ୍ରାପଡ଼ା ପୌର ପ୍ରଶାସନକୁ ୨୪ ଲକ୍ଷ ଟଙ୍କା ଜରିମାନା ଦେବାକୁ ନୋଟିସ ହୋଇଛି। ଏହାସତ୍ତ୍ୱେ ଗୋବରୀ ନଦୀ ଓ କେନାଲ ଏବେ ବର୍ଜ୍ୟବସ୍ତୁରେ ଭର୍ତ୍ତି ହୋଇ ଜଳପଥ ପୋତି ହେଉଛି। ସେହିପରି ସହରର ଡ୍ରେନରେ ଏହି ସାମଗ୍ରୀ ପଡ଼ି ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି ବୋଲି ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ଏସମ୍ପର୍କରେ ଖଡିଅଙ୍ଗର ମନୋଜ କୁମାର ସିଂହ କୁହନ୍ତି, ୧୫୫ ବର୍ଷର ପୁରୁଣା ଏହି ପୌରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଢ଼ଙ୍ଗରେ ହୋଇପାରୁନାହିଁ। ପୂର୍ବରୁ ଗୋବରୀ ନଦୀ ଓ କେନାଲ ଜଳକୁ ସ୍ନାନ ଶୌଚ ଆଦିରେ ବ୍ୟବହାର କରାଯାଉଥିଲା। ଏବେ ଏହି ଦୁଇ ଜଳପଥ ପ୍ଲାଷ୍ଟିକ ଅଳିଆ ସହ ବର୍ଜ୍ୟବସ୍ତୁ ଆବର୍ଜନାରେ ଭରିଯାଇଛି। ଘରୋଇ ଅଶୌଚ କାର୍ଯ୍ୟରେ ନଦୀ ଜଳ ବ୍ୟବହାର କରାଯାଉଛି। ମାତ୍ର ଏହି ଜଳ ପ୍ରଦୂଷିତ ହୋଇଥିବାରୁ ସ୍ନାନ କଲେ ଦେହ ହାତ କୁଣ୍ଡାଇ ହେଉଛି। ବହୁଦିନ ଧରି ଏହି ଜଳ ଉତ୍ସରେ ଚିଙ୍ଗୁଡିଆ ଦଳ ଭରି ରହିଥିଲେ ମଧ୍ୟ ଜଳ ସମ୍ପଦ ବିଭାଗ ଏହାକୁ ସଫା କରିବାକୁ ବ୍ୟଗ୍ର ନୁହନ୍ତି। ଫଳରେ ବର୍ଷାଦିନେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ସାମାଜିକ କର୍ମୀ ସେକ୍ ସାବିର କୁହନ୍ତି, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରାପଡ଼ା ସହର ପାଇଁ ସମସ୍ୟା ସୃଷ୍ଟି କରିଛି। ଜଣେ ଲୋକ ଦିନକୁ ହାରାହାରି ୫୦୦ ଗ୍ରାମର ଜୈବିକ ଓ ଅଜୈବିକ (ପ୍ଲାଷ୍ଟିକ ଆଦି) ବର୍ଜ୍ୟବସ୍ତୁ ନିଷ୍କାସନ କରୁଥିବା ବେଳେ ମାସକୁ ସହରରେ ୭୫ ମେଟ୍ରିକ ଟନ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି। ବର୍ଜ୍ୟବସ୍ତୁ ପରିଚାଳନା ଆଇନ କାର୍ଯ୍ୟକାରୀ ହେଉ ନ ଥିବାରୁ ବହୁ ପାଇଖାନାର ପାଇପ୍ ମୁହଁ ଗୋବରୀ ନଦୀ ଓ କେନାଲକୁ ରହିଛି। ୨୦୧୬ରେ ପ୍ଲାଷ୍ଟିକ ବର୍ଜନ ପାଇଁ ପୌର ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ତେବେ ପ୍ରଶାସନିକ ଅବହେଳା କାରଣରୁ କିଛିଦିନ ପରେ ଏନେଇ ଗୁରୁତ୍ୱ ରହିଲା ନାହିଁ। ଫଳରେ ବ୍ୟବସାୟ ଅନୁଷ୍ଠାନଠାରୁ ଆରମ୍ଭ କରି ଘରେ ପ୍ଲାଷ୍ଟିକ ଥଳିର ବ୍ୟବହାର ପୁନର୍ବାର ବଢ଼ିଯାଇଛି। ପରିବେଶବିତ ସେକ୍ ଚାନ୍ଦ କହିଛନ୍ତି, ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। କେତେକ ବୁଲା ଗାଈଗୋରୁ ଓ କୁକୁର ଖାଦ୍ୟ ସାମଗ୍ରୀ ସହିତ ପ୍ଲାଷ୍ଟିକକୁ ଗିଳି ଦେଉଛନ୍ତି। ଏହି ପ୍ଲାଷ୍ଟିକ ଜୀବଜନ୍ତୁଙ୍କ ପାକସ୍ଥଳୀକୁ ଯାଇ ବିପଦ ସୃଷ୍ଟି କରୁଛି। ସେହିପରି ପ୍ଲାଷ୍ଟିକ ମାଟିରେ ମିଶି ପାରୁ ନ ଥିବାରୁ ବର୍ଷାଜଳ ଭୂଗର୍ଭକୁ ଯାଇପାରୁନାହିଁ। ଫଳରେ ଭୂତଳ ଜଳସ୍ତର କମିବାରେ ଲାଗିଛି। ଆଗାମୀଦିନରେ ଏହା ସହରବାସୀଙ୍କ ପାଇଁ ବିପଦ ସୃଷ୍ଟି କରିବ। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କୁ ପଚାରିବାରେ ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରାଯାଇଛି। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସହରର ପ୍ରତ୍ୟେକ ସ୍ଥାନରେ ଡଷ୍ଟବିନ ଯୋଗାଇ ଦିଆଯାଇଛି। ଏଥିସହ ବ୍ୟବସାୟୀ ଓ ସହରବାସୀଙ୍କ ମଧ୍ୟରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ପାଇଁ ସଚେତନତା ସୃଷ୍ଟି କରାଯାଉଛି ବୋଲି ସେ କହିଛନ୍ତି।


ମୁଖ୍ୟ କେନାଲରେ ଭାସୁଥିବା ବର୍ଜ୍ୟବସ୍ତୁ।

# ଜାତୀୟ ରିଆଲିଟି ଶୋ'ରେ ରନର୍ସ ଟ୍ରଫି ହାତେଇଲେ ରାକେଶ

ପଟ୍ଟାମୁଣ୍ଡାଇ, ୨୯।୨(କଳ୍ପତରୁ ନାୟକ)

ଷ୍ଟାର ପ୍ଲସ ଟିଭି ଚ୍ୟାନେଲ ଓ ହଟ ଷ୍ଟାରରେ ହେଉଥିବା ଜାତୀୟ ସ୍ତରରେ ଡ୍ୟାନ୍ସ ରିଆଲିଟି ଶୋ' ଡ୍ୟାନ୍ସ ପ୍ଲସ-ପ୍ରୋରେ ଭାଗ ନେଇ କମାଲ କରିଛନ୍ତି, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଡ୍ୟାନ୍ସ ସ୍କୁଲ ଫିଟ୍ ଅଫ୍ ଫାୟାର ଡ୍ୟାନ୍ସ ଏକାଡେମୀ ଛାତ୍ର ରାକେଶ ସାହୁ। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ଏକମାତ୍ର ପ୍ରତିଯୋଗୀ ଭାବେ ବିଭିନ୍ନ ରାଜ୍ୟର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପରାସ୍ତ କରି ରାକେଶ ସମଗ୍ର ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଡ୍ୟାନ୍ସ ରିୟଲିଟି ଶୋ' ଡ୍ୟାନ୍ସ ପ୍ଲସ-ପ୍ରୋର ଗୁରୁବାର ଏହି ଶୋ'ର ଫାଇନାଲ୍ ରାଉଣ୍ଡ ଥିଲା। ଏଥିରେ ରାକେଶଙ୍କ ଶୋ'ର ପ୍ରଥମ ରନର୍ସ ଅଫ ବିଜେତା ହୋଇଛନ୍ତି। ପ୍ରାୟ ୩ ମାସ ଧରି ଚାଲିଥିବା ଏହି ଶୋ'ର ଗ୍ରାଣ୍ଡ ଫାଇନାଲରେ ମୁଖ୍ୟ ବିଚାରକ ରେମୋ ଡିସୋଜା ରାକେଶଙ୍କୁ ପ୍ରଥମ ରନର୍ସ ଅଫ ଭାବେ ଘୋଷଣା କରିଥିଲେ। ୧୩ସପ୍ତାହ ଧରି କଠିନ ପରିଶ୍ରମ କରି ଅନେକ ପ୍ରତିଯୋଗୀଙ୍କୁ ଟକ୍କର ଦେଇଥିଲେ। ରାକେଶଙ୍କୁ ପୁରସ୍କାର ରୂପରେ ଟ୍ରଫି ସହ ୫ ଲକ୍ଷ ଟଙ୍କାର ଚେକ୍ ପାଇଛନ୍ତି। ଜଜ୍ ଡିସୋଜା ସହ ଗିତା କପୁର ଏବଂ ଟେରେନ୍ସ ଲୁଇସ୍‌ଙ୍କ ଗେଷ୍ଟ ହିସାବେ ଯୋଗ ଦେଇ ରାକେଶଙ୍କ ନୃତ୍ୟର କମାଲ ଦେଖି ସ୍ତବ୍ଧ ହୋଇ ଯାଇଥିଲେ। ମଂଚରେ ଧମେଶ ୟାଲେଣ୍ଡ, ପୁନିତ୍ ଜେ ପାଠକ, ଶକ୍ତି ମୋହନ, ରାହୁଲ ସେଠୀ ଉପସ୍ଥିତ ଥିବା ବେଳେ ଶୁସାନ୍ତ ଖତ୍ରୀ, ତୁଷାର ସେଠୀ ଶୋ ପରିଚାଳନା କରିଥିଲେ। କେନ୍ଦ୍ରାପଡ଼ା ଜିଲା ଇତିହାସରେ ପ୍ରଥମ ଥର ପାଇଁ ଜାତୀୟ ସ୍ତରରେ ଡ୍ୟାନ୍ସ ପ୍ରତିଯୋଗିତାରେ କମାଲ କରିଥିବା ରାଜେଶ ସାନଜରିଆ ଭଳି ନିପଟ ମଫସଲ ଗାଁରୁ ଆସି ସଫଳତା ସାଉଁଟିବା ଏକ ବ୍ୟତିକ୍ରମ। ପିତା ସର୍ବେଶ୍ୱର ସାହୁ ଓ ମା' ଅମିତା ସାହୁଙ୍କ ସୁଯୋଗ୍ୟ ସନ୍ତାନ ଭାବେ ଓଡ଼ଶା ପାଇଁ ଗୌରବ ଆଣିଥିବା ରାକେଶ ବିଗତ ୪ ବର୍ଷ ହେବ ଫିଟ୍ ଅଫ୍ ଡ୍ୟାନ୍ସ ଏକାଡେମୀରେ ନୃତ୍ୟ ଶିକ୍ଷା ଲାଭ କରି ବହୁ ଜାତୀୟ ଓ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଏଥିପାଇଁ ଫିଟ୍ ଅଫ୍ ଫାୟାର ଡ୍ୟାନ୍ସ ଏକାଡେମୀ ଗୁରୁ ପ୍ରଶାନ୍ତ ପାତ୍ର, ସଭାପତି କୁଞ୍ଜ ବିହାରୀ ତ୍ରିପାଠୀ, ସମ୍ପାଦକ ପ୍ରଦ୍ୟୁମ୍ନ ଗିରିଙ୍କ ସମେତ ରାଜ୍ୟ, ଜିଲା ଓ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମହଲରୁ ରାକେଶଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ ସହ ଆଶୀର୍ବାଦ ପ୍ରଦାନ କରାଯାଇଛି।



ରାକେଶ ସାହୁ

# ଟିଉଶନ ସାର୍‌ଙ୍କୁ ୨୦ ବର୍ଷ କାରାଦଣ୍ଡ

**ନାବାଳିକାଙ୍କ ଆତ୍ମହତ୍ୟା ଉଦ୍ୟମ ମାମଲା**

ଜଗତ୍‌ସିଂହପୁର,୨୯।୨(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳରେ ୨୦୨୦ରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ଟିଉଶନ ସାର୍ ବାରମ୍ବାର ବଳାତ୍କାର କରୁଥିଲେ। ନାବାଳିକା ଜଣକ ଗର୍ଭବତୀ ହେବା ପରେ ଲୋକଲଜ୍ଜାକୁ ଡରି ମହାନଦୀରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସୌଭାଗ୍ୟବଶତଃ କେତେଜଣ ଲୋକ ତାଙ୍କୁ ଉଦ୍ଧାର କରି କୁଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ପୋଲିସକୁ ଖବର ଦେଇଥିଲେ। ଏହାପରେ ଡାକ୍ତରଖାନାରେ ନାବାଳିକା ଜଣକ ଏକ ସନ୍ତାନ ଜନ୍ମ ଦେଇଥିଲେ। ଏହି ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଏହାର ବିଚାର କରି ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ମୁଦାଲା କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ରଞ୍ଜନ କୁମାର ରାଉତ (୪୭)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୪୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟରେ ଅଧିକ ୮ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ଅଛି।

ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ରଞ୍ଜନ ଶିକ୍ଷାଦାନ ନାଁରେ ନାବାଳିକାଙ୍କ ଜୀବନ ସହ ଖେଳ ଖେଳିଥିଲେ। ଟିଉଶନ ସାରି ଅନ୍ୟ ପିଲାମାନେ ଘରକୁ ଗଲା ପରେ ସେ ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ପରିସ୍ଥିତି ଅସ୍ୱାଭାବିକ ହେବାରୁ ପୀଡ଼ିତା ମାମୁ ଘରକୁ ଯାଉଥିବା କହି ଘରୁ ବାହାରିଥିଲେ ସୁଦ୍ଧା ପ୍ରକୃତରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉଦ୍ଧାର ପରେ କୁଜଙ୍ଗ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ଏହାପରେ ପୀଡିତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ କୁଜଙ୍ଗ ଥାନାରେ ମାମଲା (ନଂ.୩୩୫/୨୦) ରୁଜୁ ହୋଇଥିଲା। ଏହି ମାମଲାରେ ୨୪ ଜଣଙ୍କ ସାକ୍ଷ୍ୟକୁ ଗ୍ରହଣ କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏଥିସହ କ୍ଷତିପୂରଣ ବାବଦରେ ପୀଡ଼ିତାଙ୍କୁ ୯ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନୀଲ


@ ଦେବୀପ୍ରସାଦ


@ ଦୀପକ



@ କପିଳାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୪ ସନ୍ତାନ: ଧୂମାତ ସରପଞ୍ଚଙ୍କ ପଦବୀ କଟିଲା

କେନ୍ଦ୍ରାପଡ଼ା, ୨୯।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଧୂମାତ ସରପଞ୍ଚ ମଞ୍ଜୁଲତା ସେଠୀଙ୍କ ପଦବୀ କଟିଯାଇଛି। ଏ ସମ୍ପର୍କରେ ହୋଇଥିବା ଏକ ନିର୍ବାଚନୀ ମାମଲା (ନଂ. ୨/୨୩)ର ଶୁଣାଣି କରି ଜିଲା ଜଜ୍ ତଥା ଇଲେକ୍ସନ ଟ୍ରିବ୍ୟୁନାଲ ଜଜ୍ ବିଶ୍ୱଜିତ ମହାନ୍ତି ଏପରି ନିର୍ଦ୍ଦେଶ ମଙ୍ଗଳବାର ଦେଇଛନ୍ତି। ଅଭିଯୋଗକାରୀଙ୍କ ମାମଲା ପରିଚାଳନାକାରୀ ବରିଷ୍ଠ ଆଇନଜୀବୀ ସରୋଜରାଜ ସିଂ ଏ ନେଇ ସୂଚନା ଦେଇଛନ୍ତି ଯେ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୨୦୨୨ ଫେବୃଆରୀ ୨୨ରେ ହୋଇଥିଲା। ଏହି ନିର୍ବାଚନରେ ମଞ୍ଜୁଲତା ସରପଞ୍ଚ ପଦବୀରେ ବିଜୟୀ ହୋଇଥିଲେ। ମାତ୍ର ପ୍ରତିପକ୍ଷ ଅନ୍ନପୂର୍ଣ୍ଣା ମଲ୍ଲିକ ଦୁଇରୁ ଅଧିକ ସନ୍ତାନ ସରପଞ୍ଚ ମଞ୍ଜୁଲତାଙ୍କର ଥିବାରୁ କୋର୍ଟରେ ଏହାର ବୈଧତା ଉପରେ ପ୍ରଶ୍ନ ଉଠାଇଥିଲେ। ଶୁଣାଣି ସମୟରେ ସରପଞ୍ଚଙ୍କର ୪ ସନ୍ତାନ ଥିବା ପ୍ରମାଣିତ ହେବାରୁ ତାଙ୍କୁ ପଦବୀରୁ ହଟାଇ ଦିଆଯାଇଛି। କାର୍ଯ୍ୟାନୁଷ୍ଠାନ ପାଇଁ କୋର୍ଟରୁ ଜିଲାପାଳଙ୍କ ନିକଟକୁ ଚିଠି ହୋଇଥିବା ବରିଷ୍ଠ ଆଇନଜୀବୀ ସିଂ ସୂଚନା ଦେଇଛନ୍ତି।

# ଶିଶୁ ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୨୯।୨ (ଜଗନ୍ନାଥ ଧଳ)

ଘରେ ଅବିଭାବକ ନ ଥିବା ସୁଯୋଗ ପାଇଁ ଶିଶୁଙ୍କୁ ବଳାତ୍କାର କରିଥିବା କେନ୍ଦ୍ରାପଡା ସଦର ଥାନା ଅଞ୍ଚଳର ଏକ ଗାଁର ବାବିନୀ ମଲ୍ଲିକଙ୍କୁ ଗୁରୁବାର ୨୦ବର୍ଷ ଜେଲ ହୋଇଛି। ଏଥିସହ ଜରିମାନା ବାବଦ ୫୦ ହଜାର ଟଙ୍କା ଅନାଦେୟରେ ଅଧିକ ୧ ବର୍ଷ ଜେଲରେ ରହିବାକୁ ଆଡହକ ଆଡିସନାଲ ସେସନ୍ସ ଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନରା ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସ୍ପେଶାଲ ପିପି ଆଇନଜୀବୀ ମନୋଜ କୁମାର ସାହୁ ସୂଚନା ଦେଇଛନ୍ତି ଯେ, ଏହି ମାମଲା ୨୦୨୩ମସିହାର। ସଦର ଥାନା ଅନ୍ତର୍ଗତ ଏକ ଗ୍ରାମରେ କୁଦାନଗରୀ ଥାନା ଅଞ୍ଚଳର ଏକ ଦମ୍ପତି ଭଡା ନେଇ ରହୁଥିଲେ। ତାଙ୍କର ଏହି ପୀଡିତା କନ୍ୟା ସ୍ଥାନୀୟ ଏକ ଘରୋଇ ବିଦ୍ୟାଳୟରେ ପଢୁଥିବା ବେଳେ ମା'ବାପା ମୂଲ ଲାଗିବାକୁ ପ୍ରତ୍ୟେହ ଯାଇଥାନ୍ତି। ଭଡାଘର ନିକଟରେ ବାବିନୀଙ୍କର ଏକ ମନୋହରି ଦୋକାନ ଅଛି। ଏହି ଦୋକାନକୁ ଯାଇଥିବା ବେଳେ ପୀଡିତା ଶିଶୁ କନ୍ୟାଙ୍କୁ ୨ ଥର ବଳାତ୍କାର କରିଛନ୍ତି। ଏହି ଘଟଣା ୨୦୨୩ ଏପ୍ରିଲ ୧୩ ତାରିଖରେ ହୋଇଥିଲା। ଥାନାରେ ନଂ. ୩୨୪/୨୩ରେ ମାମଲା ହେବା ସହ ୧୬ ତାରିଖରେ ବାବିନୀଙ୍କୁ ଗିରଫ କରାଯାଇଥିଲା। ମାମଲା ପରିଚାଳନା ସମୟରେ ୧୦ ଜଣଙ୍କ ସାକ୍ଷ୍ୟ ନିଆ ଯାଇଥିବା ସ୍ପେଶାଲ ପିପି ଆଇନଜୀବୀ ସାହୁ ସୂଚନା ଦେଇଛନ୍ତି।

# ଯାଜପୁର ସହରରେ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ



ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଯାଜପୁର ଟାଉନ,୨୯।୨ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):

**୭୫ ହଜାର ୩୧୩ ଲୋକ ଉପକୃତ ହେବେ**

୫-ଟି ଉପକ୍ରମରେ ଗୁରୁବାର ସହରବାସୀଙ୍କ ପାଇଁ ଅଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଏଥିରେ ଯାଜପୁର ସଦର ମହକୁମା ସହରରେ ୫୬ କୋଟି ୭୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଶୁଦ୍ଧ ଉନ୍ନତ ପାନୀୟ ଜଳ ପ୍ରକଳ୍ପର ଶିଳନ୍ୟାସ କରାଯାଇଛି। ଏନେଇ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଯାଜପୁର ପୌରପରିଷଦ ଅଧକ୍ଷା ରଞ୍ଜୁଲତା ହୋତାଙ୍କ ଅଧକ୍ଷତା ଓ ଉପାଧକ୍ଷ ସନ୍ତୋଷ ମଲ୍ଲିକଙ୍କ ସହ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ଯାଜପୁର ପୌରାଞ୍ଚଳରେ ଏହି ମେଗା ପାଇପ୍ ବିଶୁଦ୍ଧ ଜଳ ପ୍ରକଳ୍ପ ଦ୍ୱାରା ୭୫ ହଜାର ୩୧୩ ଲୋକ ଉପକୃତ ହେବେ ବୋଲି କହିଥିଲେ।

ପୌର ପରିଷଦ ଅଧ୍ୟକ୍ଷା ହୋତା ମୁକ୍ତା ଯୋଜନାରେ ମା'ମାନଙ୍କୁ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ, ଜାଗା ମିଶନରେ ପଟ୍ଟା ବଣ୍ଟନ ଏବଂ ଡ୍ରିଙ୍କ ଫ୍ରମ୍ ଟ୍ୟାପ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଉପାଧକ୍ଷ ମଲ୍ଲିକ ସହରୀ ଜୀବନକୁ ସରଳ, ସୁବିଧା ଓ ସେବା ଯୋଗାଇବା ନିମନ୍ତେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପରିକଳ୍ପନା ସୁଦୂର ପ୍ରସାରୀ ବୋଲି କହିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଜନସ୍ୱାସ୍ଥ୍ୟ ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ ଚନ୍ଦ୍ର ବେହେରା ଯୋଗଦେଇ ପ୍ରକଳ୍ପ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା ସହରୀ ଜୀବନରେ ବିଶୁଦ୍ଧ ପାନୀୟ ଜଳର ଉପଯୋଗିତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଯାଜପୁର ପୌରପରିଷଦ ନିର୍ବାହୀ ଅଧିକାରୀ ଅଜୟ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଞ୍ଚଳ ୱାର୍ଡ କୋ-ଅଡିନେଟର, ଜଳସାଥୀ, ସ୍ୱଚ୍ଛସାଥୀ, ପାରିଷଦ ବୃନ୍ଦ, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜନସ୍ୱାସ୍ଥ୍ୟ ସହକାରୀ ଯନ୍ତ୍ରୀ ଅବନୀ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

# ପୋଲିସ ଅବହେଳା ବିରୋଧରେ ଥାନା ଘେରାଉ

ବିଞ୍ଝାରପୁର,୨୯।୨(ରାମକୃଷ୍ଣ ଦାସ):

**ଯୁବତୀ ଅପହରଣ ମାମଲା**

ବିଞ୍ଝାରପୁର ଥାନା ଶାସନ୍ଦା ଗ୍ରାମର ଜଣେ ଯୁବତୀଙ୍କୁ ଅପହରଣ ମାମଲାରେ ପୋଲିସ କାର୍ଯ୍ୟାନୁଷ୍ଠାନର ଅବହେଳା ବିରୋଧରେ ଯୁବତୀଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ଗୁରୁବାର ଥାନା ଘେରିବାସହ ହୋହଲ୍ଲା କରିଛନ୍ତି। ଫଳରେ ଏହାକୁ ନେଇ ଥାନା ପରିସରରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାସହ ଶୀଘ୍ର ଯୁବତୀଙ୍କୁ ଖୋଜି ଆଣିବେ ବୋଲି ପ୍ରତିଶ୍ରୁତି ଦେବାପରେ ପରସ୍ଥିତି ଶାନ୍ତ ପଡ଼ିଥିଲା।

ଗ୍ରାମର ଜଣେ ୨୬ ବର୍ଷୀୟ ଯୁବତୀ ଗତ ୨୫ ତାରିଖ ଭୋର ସମୟରେ ନିକଟ ଏକ ତୋଟାକୁ ଅଗ୍ନି ପାଉଁଶ ଗୋଟାଇବାକୁ ଯାଇଥିଲେ। ସେଠାରେ ପୂର୍ବରୁ ଛପି ରହିଥିବା ଟିଣା ଗ୍ରାମର ରାଜେଶ ନାୟକ ତାଙ୍କ ସହଯୋଗୀଙ୍କ ସହ ମିଶି ଯୁବତୀଙ୍କୁ ଅପହରଣ କରି ନେଇଥିଲେ। ଏନେଇ ଯୁବତୀଙ୍କ ମା' ସେହିଦିନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୪୦/୨୪ରେ ଏକ ମାମଲା ରୁଜୁ କରିଥିଲା। ହେଲେ ମାମଲାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ ବୋଲି ଯୁବତୀଙ୍କ ପରିବାର ଅଭିଯୋଗ କରି ଏପରି ଆନ୍ଦୋଳନ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ମଙ୍ଗଳପୁର ଥାନା, ଦଶରଥପୁର ଥାନା ଓ ଅଳକୁଣ୍ଡ ଥାନା ଅଧିକାରୀଙ୍କ ସମେତ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।


ଗ୍ରାମବାସୀ ଓ ଯୁବତୀଙ୍କ ସମ୍ପର୍କୀୟ ଥାନା ଘେରାଉ କରିଛନ୍ତି।

# ପ୍ରକଳ୍ପ ଆରମ୍ଭ ପୂର୍ବରୁ ଲାଗୁନି ସୂଚନା ଫଳକ

ନୟାଗଡ଼,୨୯।୨(ଲୋକନାଥ ମିଶ୍ର)

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରହୁନି ସ୍ୱଚ୍ଛତା

■ ଜରିମାନା ଆଦାୟ ସତ୍ତ୍ୱେ ଆସୁନି ପରିବର୍ତ୍ତନ




ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ କୌଣସି ପ୍ରକଳ୍ପ କାମ ଆରମ୍ଭ ପୂର୍ବରୁ ପ୍ରଥମେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ରହିଛି। ତେବେ ଆଇନକୁ ଶୀତଳଭଣ୍ଡାରକୁ ଫୋପାଡି ବିନା ସୂଚନାଫଳକରେ କାମ କରାଯାଉଛି। ଏଭଳି ଘଟଣା ନୟାଗଡ଼ ଜିଲା ବାଲୁଗାଁ, ଶରଧାପୁର, ନାଟୁଗାଁ ପଞ୍ଚାୟତ ସମେତ ଜିଲାର ବିଭିନ୍ନ ବ୍ଲକରେ ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ସୂଚନା ଫଳକ ନ ଲଗାଇଲେ ୫ ହଜାର ଜରିମାନା ଦେବାକୁ ନିୟମ ରହିଛି। ପୁଣି ସୂଚନାଫଳକରେ ତଥ୍ୟ ନ ଥିଲେ ୧ ହଜାର ଜରିମାନା ବି ରହିଛି। ଜିଲାର ବିଭିନ୍ନ ବ୍ଲକରେ ଜରିମାନା ଆଦାୟ ପରେ ବି ଯୋଜନାର ପରିବର୍ତ୍ତନ ଆସୁନି। ଏଣୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରି ଏକ ଲୋକାଭିମୁଖୀ ଯୋଜନାରେ ସ୍ୱଚ୍ଛତା ରହୁନି। ଏନେଇ ରାମଚନ୍ଦ୍ର ନାୟକ, ଶ୍ୟାମବନ୍ଧୁ ସାହୁ, କୃପାସିନ୍ଧୁ ସ୍ୱାଇଁ ପ୍ରମୁଖ ଶ୍ରମିକ କୁହନ୍ତି, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ, କନିଷ୍ଠ ଯନ୍ତ୍ରୀ ଓ ଗ୍ରାମ୍ୟ ରୋଜଗାର ସେବକଙ୍କ ପାଇଁ ଏମ୍‌ଜିଏନଆରଇଜିଏସ୍ ରୋଜଗାରର ମାଧ୍ୟମ ପାଲଟିଛି। ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଦୁର୍ନୀତି କରି ଲକ୍ଷାଧିକ ଟଙ୍କା ହରିଲୁଟ୍ ଚାଲିଛି। ସେହି ଅର୍ଥରୁ କିଛି ଜରିମାନା ଦେଇଦେଲେ ଏହାର ପ୍ରଭାବ କ'ଣ ପଡିବ । ଏଣୁ ଜରିମାନା ପ୍ରତି ଭୟ ରହୁନି ବୋଲି କହିଥିଲେ।

### ସନ୍ଦେହରେ ସାମାଜିକ ସମୀକ୍ଷକ ଓ ସୋସିଆଲ ଅଡିଟର

ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ କନିଷ୍ଠ ଯନ୍ତ୍ରୀ ଓ ଗ୍ରାମ୍ୟ ରୋଜଗାର ସେବକ ପଞ୍ଚାୟତସ୍ତରରେ କାମ କରିଥାନ୍ତି। କନିଷ୍ଠ ଯନ୍ତ୍ରୀ ଓ ଗ୍ରାମ୍ୟ ରୋଜଗାର ସେବକ ଏମ୍‌ଜିଏନଆରଇଜିଏସ୍ କାର୍ଯ୍ୟରେ ବିଭିନ୍ନ ଅନିୟମିତତାକୁ ଜାଣି ବିଲ୍ କରାଇ ନିଅନ୍ତି। ତେବେ କନିଷ୍ଠ ଯନ୍ତ୍ରୀ ଓ ଗ୍ରାମ୍ୟ ରୋଜଗାର ସେବକଙ୍କ କାର୍ଯ୍ୟକୁ ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷକ ଠିକ୍ ଭାବେ ଅନୁଧ୍ୟାନ କରୁ ନ ଥିବା ଅଭିଯୋଗ ହେଉଛି। ଏମ୍‌ଜିଏନଆରଇଜିଏସ୍‌ର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣୀରେ ସୂଚନାଫଳକର ତ୍ରୁଟି, ତଥ୍ୟ ଠିକ ନ ଲେଖିବା, ଫଳକ ନ ଥିବା ଲୁଚି ଯାଉଛି। ସେହିପରି ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣୀରେ ମଧ୍ୟ ଏହା କିପରି ଲୁଚି ଯାଉଛି ତାହା ପଞ୍ଚାୟତସ୍ତରୀୟ ସମାଜିକ ସମୀକ୍ଷକ, ସୋସିଆଲ ଅଡିଟର ଓ ବିଡିଓଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ଲଗାଇଛି।

### ଫଳକରେ ନାହିଁ କାର୍ଯ୍ୟାରମ୍ଭ ତାରିଖ

ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନୟାଗଡ଼ ବ୍ଲକର ଇଟାମାଟିଠାରୁ ସୁନାଲଟି ପର୍ଯ୍ୟନ୍ତ ପଥପାର୍ଶ୍ୱ ବନୀକରଣ ହୋଇଛି। ବନୀକରଣ ୨୦୨୧-୨୨ ଆର୍ଥିକ ବର୍ଷରେ ହୋଇଛି ବୋଲି ନୟାଗଡ଼ ବନବିଭାଗ ପକ୍ଷରୁ ସୂଚନାଫଳକ କହୁଛି। ତେବେ ପ୍ରକଳ୍ପର କାର୍ଯ୍ୟ କେବେ ଆରମ୍ଭ ହେଲା ସେନେଇ କିଛି ଲେଖା ହୋଇନି। କରଞ୍ଜ, ଜାମୁ, ଅର୍ଜୁନ, ବଉଳ, ଚାକୁଣ୍ଡା ପରି ଗଛ ୫୦୦ ଗଛ ରୋପଣ କରାଯାଇଛି ଦର୍ଶାଯାଇଛି। ପ୍ରକଳ୍ପର ଅଟକଳ ୪ ଲକ୍ଷ ୪୬ ହଜାର ୩୮ ଟଙ୍କା ରହିଛି। ପ୍ରକଳ୍ପ ଶେଷରେ ଅବଧି ୪ ବର୍ଷ ରହିଛି। ଯଦି ପ୍ରକଳ୍ପ ଆରମ୍ଭର ତାରିଖ ସୂଚନାଫଳକରେ ନାହିଁ ତେବେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ କେମିତି। ଏହାର ଅର୍ଥ ସୂଚନା ଦେବାକୁ ବନବିଭାଗ ପାଖରେ ସମୟ ନାହିଁ। ଯଦି ବନବିଭାଗ ସୂଚନା ଦେଲା ନାହିଁ ତେବେ ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷକ ଓ ସୋସିଆଲ ଅଡିଟର କ'ଣ ପଦକ୍ଷେପ ନେଇଛନ୍ତି। ବନବିଭାଗ ପରି ବିଭିନ୍ନ ଲାଇନ ଡିପାର୍ଟମେଣ୍ଟରେ ଏଭଳି ଖାମଖିଆଲି କାମ ଚାଲିଛି। ଦେଖାଯାଉ ଏମ୍‌ଜିଏନଆରଇଜିଏସ୍ କାର୍ଯ୍ୟରେ ନୟାଗଡ଼ ଜିଲାରେ କେବେ ସ୍ୱଚ୍ଛତା ଆସୁଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏନେଇ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟନାୟକ କୁହନ୍ତି, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସୂଚନାଫଳକ ନ ଥିଲେ ଫାଇନ ବ୍ୟବସ୍ଥା ଅଛି। ବ୍ଲକସ୍ତରରେ ଅଭିଯୋଗ ଶୁଣାଣୀ ହୋଇ ଦଣ୍ଡ କରାଯାଉଛି। ତେବେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ରହୁଥିବା ଅବ୍ୟବସ୍ଥାକୁ ଅନୁଧ୍ୟାନ କରାଯିବ ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅନିଲ



@ ଦେବୀପ୍ରସାଦ



@ ଦୀପକ




@ କପିଳାସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଜେଡି,ଭାଜପା ବାହାଘର କରାଇଲା କଂଗ୍ରେସ



ବିବାହ କାର୍ଯ୍ୟକ୍ରମ ଚାଲିଛି ।

ନୂଆଗାଁ,୨୯।୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାମଚଣ୍ଡୀ ପୀଠରେ ଗୁରବାର ବିଜେଡି ସହ ଭାଜପାର ବାହାଘର କରାଇଛି କଂଗ୍ରେସ । ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ନୂଆଗାଁ ବ୍ଲକ କଂଗ୍ରେସ ପକ୍ଷରୁ ବିଜେଡି ଓ ଭଜପା ମଧ୍ୟରେ ଥିବା ଭିତିର ସମ୍ପର୍କକୁ ଖୁଲାସା କରି ସାର୍ବଜନୀନ କରାଇବାକୁ ଯାଇ ଭାରତୀୟ ଜନତା ପାର୍ଟି ଓ ବିଜୁ ଜନତା ଦଳ ମଧ୍ୟରେ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ କରିଛି । ରାଜ୍ୟରେ ୨୦୦୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ବିଜେଡି ଭାଜପା ମେଣ୍ଟ ସରକାର ଥିଲା । ମେଣ୍ଟ ଭାଙ୍ଗିବା ପରେ ମଧ୍ୟ ବିଜେଡି ପକ୍ଷରୁ ସମଦୂରତ୍ୱ କଥା କହି ଭାଜପା ସରକାରଙ୍କ ସମସ୍ତ ବିଲ୍‌କୁ ସଂସଦର ଉଭୟ ଗୃହରେ ସମର୍ଥନ କରି ଆସୁଥିଲା । ଏପରିକି ଭାଜପାର ରାଜ୍ୟସଭା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ସମର୍ଥନ ଘୋଷଣା କରି ବିଜେଡି ଭାଜପା ସମ୍ପର୍କକୁ ଓଡିଶାର ସାଢେ ଚାରିକୋଟି ଓଡିଆଙ୍କ ପାଖରେ ସାର୍ବଜନୀନ କରାଇ ସାରିଛି ବୋଲି ଅଭିଯୋଗ ଆଣି ରାଜ୍ୟ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ବିଜେଡି ମଧ୍ୟରେ ବାହାଘର କରାଇ ଉଭୟ ଦଳ ଏକତ୍ର ହୋଇ ରାଜ୍ୟ ରାଜକୋଷକୁ ଲୁଟିବା ପାଇଁ ପ୍ରୟାସ କରୁଥିବା କଂଗ୍ରେସ ଦଳ ରାଜ୍ୟବାସୀଙ୍କୁ ଜଣାଉଛି । ଏହି କାର୍ଯ୍ୟକ୍ରମକୁ ନୂଆଗାଁ ବ୍ଲକ କଂଗ୍ରେସ ସଭାପତି ଅଶୋକ କୁମାର ନାୟକ ଆୟୋଜନ କରିଥିବା ବେଳେ ଜିଲା କଂଗ୍ରେସ ସଭାପତି ତଥା ଆଇନଜୀବି ରଣଜିତ ଦାଶ , କନ୍ଧମାଳ ସଂସଦୀୟ କ୍ଷେତ୍ର ପାଇଁ ଆଶାୟୀ ପ୍ରାର୍ଥୀ ଅମୀର ଚନ୍ଦ୍ର ନାୟକ , ଦଶପଲ୍ଲା ବ୍ଲକ କଂଗ୍ରେସ ସଭାପତି ବୁଲୁ ପରିଡା , ଗଣିଆ ବ୍ଲକ ସଭାପତି କାଶୀନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଲଡୁକିଶୋର ଷଡ଼ଙ୍ଗୀ ପୁରୋହିତ ହୋଇ ବିବାହ କର୍ମାଣୀ ସମ୍ପନ୍ନ କରାଇଥିବା ବେଳେ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିବା ଜିଲା କଂଗ୍ରେସ ସଭାପତି ଦାଶ ସୂଚନା ଦେଇଛନ୍ତି ।

# ଏନ୍‌ଏସି ମାନ୍ୟତା ନ ପାଇବାର କାରଣ ଖୋଜା ଚାଲିଲା

ନୟାଗଡ଼/ରଣପୁର,୨୯।୨ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକର ରାଜସୁନାଖଳାକୁ ଏନ୍‌ଏସି ମାନ୍ୟତା ନ ମିଳିବାର ପ୍ରତିବାଦରେ ମାର୍ଚ୍ଚ ୧ରୁ ଅନଶନ ହେବାର ଥିଲା। ତେବେ ଏନଏସି ମାନ୍ୟତା କାହିଁକି ମିଳିଲାନି ସେନେଇ କାରଣ ଖୋଜା ଆରମ୍ଭ ପରେ ଅନଶନ ତାରିଖ ଘୁଞ୍ଚି ଯାଇଛି। ଏନଏସି ଉଦ୍ଦେଶ୍ୟରେ ସହମତି ପାଇଁ ମତାମତ ଗୋଟିଏ ପଞ୍ଚାୟତ ବିଳମ୍ବରେ ଦେଇଥିବାବେଳେ ଅନ୍ୟ ପଞ୍ଚାୟତ ଆଦୌ ସହମତି ପତ୍ର ପ୍ରଦାନ କରି ନ ଥିବା ଜଣାପଡିଛି। ଏଣୁ ସରକାର ରାଜସୁନାଖଳାକୁ ଏନଏସି ମାନ୍ୟତା ପ୍ରଦାନ କରିବାରେ ସହମତି ହୋଇ ପାରି ନ ଥିବା ଜଣାପଡିଛି। ଏନେଇ ରାଜସୁନାଖଳା ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ କୁହନ୍ତି, ରଣପୁର ତହସିଲ ଓ

### ଅନଶନ ତାରିଖ ଘୁଞ୍ଚିଲା

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆସିଥିବା ଚିଠି ଅନୁସାରେ ଜନଶୁଣାଣୀ, ୨ଟି ଗ୍ରାମସଭା ସହିତ ପଞ୍ଚାୟତ ବଡିରେ ପାସ୍ କରି ୨୧।୧।୨୦୨୪ରେ ପଞ୍ଚାୟତ ତରଫରୁ ରଣପୁର ତହସିଲରେ ପ୍ରଦାନ କରାଯାଇଛି। ହେଲେ ବିଧାୟକଙ୍କ ଅଣଦେଖା ଯୋଗୁ ରାଜସୁନାଖଳା ଏନଏସିରୁ ବଞ୍ଚିତ ହୋଇଗଲା। ନରେନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ ତ୍ରିନାଥ ରାଉତ କୁହନ୍ତି, ତହସିଲଦାରଙ୍କ ଚିଠି ପାଇବା ଓ ନିର୍ଦ୍ଦେଶ ଅନୁସାରେ ଗ୍ରାମସଭା, ଜନଶୁଣାଣୀ କରି ପଞ୍ଚାୟତରେ ରଖିଥିଲୁ। ହେଲେ ଆମକୁ କୌଣସି ଉଚ୍ଚ ଅଧିକାରୀ ସହମତି ପତ୍ର ପଠାଇବା ନେଇ ନ ଜଣାଇବାରୁ ସହମତି ପତ୍ର ଆମ ପାଖରେ ରହିଯାଇଛି। ଏଣୁ ଆମେ ସହମତି ପତ୍ର ପ୍ରଶାସନକୁ ପ୍ରଦାନ କରି ପାରିଲୁ ନାହିଁ ବୋଲି କହିଛନ୍ତି। ଆନ୍ଦୋଳନ ପାଇଁ ତାରିଖ ଘୋଷଣା କରିଥିବା ସାମାଜିକ କର୍ମୀ ଆର୍ତ୍ତତ୍ରାଣ ପ୍ରଧାନ କୁହନ୍ତି, ରଣପୁର ତହସିଲ ପକ୍ଷରୁ ୨୦୨୩ ଅଗଷ୍ଟ ୨୫ରେ ଏଏନସି ନେଇ ସହମତି ପାଇଁ ମତାମତ ଦେବା ଉଦ୍ଦେଶ୍ୟରେ ରାଜସୁନାଖଳା ଓ ନରେନ୍ଦ୍ରପୁର ସରପଞ୍ଚଙ୍କ ପାଖକୁ ଚିଠି ହୋଇଥିଲା। ଚିଠିର ୪ମାସ ପରେ ରାଜସୁନାଖଳା ସରପଞ୍ଚ ସହମତି ପତ୍ର ପ୍ରଦାନ କରିଥିଲେ। ଅନ୍ୟପକ୍ଷେ ନରେନ୍ଦ୍ରପୁର ସରପଞ୍ଚ ଏଯାବତ ସହମତି ପତ୍ର ପ୍ରଦାନ କରିନାହାନ୍ତି। ମାତ୍ର ତୁରନ୍ତ ସହମତି ପତ୍ର ପ୍ରଦାନ କରିବାକୁ ନରେନ୍ଦ୍ରପୁର ସରପଞ୍ଚ ଘୋଷଣା କରିଛନ୍ତି। ଦୁଇ ସରପଞ୍ଚଙ୍କ ସହମତି ପତ୍ରକୁ ସରକାର ପାଇବା ପରେ ଏନଏସି ଘୋଷଣା ପାଇଁ ଅସୁବିଧା ନାହିଁ। ଯଦି ସରକାର ଏନଏସି ଘୋଷଣାରେ ଅଣଦେଖା କରିବେ ତେବେ ଅନଶନ ହେବ ବୋଲି କହିଛନ୍ତି।

# ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଖଣ୍ଡପଡ଼ା,୨୯।୨
(ଅଜୟ କୁମାର ମହାରଣା)



ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖୁଛନ୍ତି।

ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ.ନିରଞ୍ଜନ ମିଶ୍ର ଗୁରୁବାର ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଆସି ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ୫-ଟି ରୁପାନ୍ତରୀକରଣ ଯୋଜନାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବିକାଶ କରାଯାଇଥିବା ଦେଖି ଡା.ମିଶ୍ର ସନ୍ତୋଷ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ସଦା ସର୍ବଦା ଡ଼ାକ୍ତରଙ୍କ ଅଭାବ ଲାଗି ରହିଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ଡା.ଶୁଭ୍ରାଂଶୁ ଦାଶ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଅଭାବ, ଅସୁବିଧା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ। ପର୍ଯ୍ୟାୟକ୍ରମେ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲି ଡା.ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନେତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି ବୋଲି ଡା.ମିଶ୍ର ମତ ଦେବା ସହ ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାୟିତ୍ୱରେ ଥିବା ଡାକ୍ତର ଓ ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

# ନୂତନ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ

ଓଡ଼ଗାଁ,୨୯।୨(ଆଦର୍ଶ କୁମାର ପଟ୍ଟନାୟକ )

ଓଡ଼ଗାଁ ଏନଏସି ଉପକଣ୍ଠ କଦଳୀବନ୍ଧ ଓ ରଗଡି ସାହି ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମା'ଅନ୍ଧାରବାଉତି ଠାକୁରାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଉତ୍ସବରେ ଜଳଯାତ୍ରା, ରତ୍ନମୁଦ, ସଂକୀତନ, ସୂର୍ଯ୍ୟପୂଜା, ସିଂହାସନ ପ୍ରତିଷ୍ଠା ହୋମ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ଏହି ଦିନମାନଙ୍କରେ ନାମ ସଂକୀର୍ତନ ସହିତ ଦେବଦାସୀ ତୁଳସୀ ଓ ସେତୁବନ୍ଧ ପ୍ରତିଷ୍ଠା ବା ଲକ୍ଷ୍ମଣ ବର୍ଜନ ପୌରାଣିକ ନାଟକ ମଞ୍ଚସ୍ଥ ହୋଇଥିଲା । ତିନିଦିନବ୍ୟାପୀ ଏହି ଅନୁଷ୍ଠାନରେ ଅଖପାଖ ସମସ୍ତ ଗ୍ରାମରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ବ୍ୟତିରେକ ବିଧାୟକ ଅରୁଣ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଯୋଗ ଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ରଣପୁର,୨୯।୨(ସୁକାନ୍ତ କିଶୋର ଡାକୁଆ)

ନେହେରୁ ଯୁବ କେନ୍ଦ୍ର ନୟାଗଡ଼ ଆନୁକୂଲ୍ୟରେ ଓ ଶୋଭା ସାମାଜିକ ଅନୁଷ୍ଠାନ, ରଣପୁରର ମିଳିତ ଉଦ୍ୟମରେ ରଣପୁର ବାଘ ସାମନ୍ତ ପଡିଆରେ ଗୁରୁବାର ଏକ ହକି ମ୍ୟାଚ୍ ଓ ଟଗ୍ ଅଫ୍ ୱାର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଛାତ୍ରୀଛାତ୍ର ଓ ଯୁବତୀ, ଯୁବତୀଙ୍କୁ ନେଇ ଏହି ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶୋଭା ଅନୁଷ୍ଠାନର ନେହେରୁ ଯୁବ କେନ୍ଦ୍ରର ଓମ ପ୍ରକାଶ ମହାପାତ୍ର ବ୍ଲସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ଛାତ୍ର ଜୀବନରେ କ୍ରୀଡା ବା ଖେଳ ବିଶେଷ ଭୂମିକା ଗ୍ରହଣ କରିଥାଏ। ଛାତ୍ର ଜୀବନରେ ଖେଳ ଆମର ଶାରୀରିକ , ମାନସିକ ଓ ବୌଦ୍ଧିକ ଶକ୍ତିକୁ ବୃଦ୍ଧି କରିଥାଏ। ଏହା ସହିତ ଶୃଙ୍ଖଳା ଜ୍ଞାନ ଅର୍ଜନ କରିହୁଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଅଶୋକ କୁମାର ମହାପାତ୍ର ଯୋଗଦେଇ ଆମ ଭାରତର ହକି ତାରକା ଧ୍ୟାନଚାନ୍ଦ , କିଭଳି ବାଲ୍ୟକାଳରୁ ହକି ପ୍ରତି ଥିବା ଆକର୍ଷଣ, ତାଙ୍କର ଦେଶପ୍ରେମ, ବିଶ୍ୱ କପ୍‌ରେ ଭାରତର ଅଂଶ ଗ୍ରହଣ ଓ ୩ ଥର ସ୍ୱର୍ଣ୍ଣ ପଦକ ବିଜୟୀ , ଯୁବ ଶକ୍ତିକୁ ଉତ୍ଥାନ , ଆଦିର ଯୁବପିଢୀଙ୍କ ମାର୍ଗଦର୍ଶକ ତଥା ପ୍ରେରଣାର ଉତ୍ସ ଆଦିସମ୍ବନ୍ଧରେ ଆଲୋଚନା କରିଥିଲେ। ସେଥିପାଇଁ ତାଙ୍କୁ ଦି ୱିଜାର୍ଡ ବୋଲି ମଧ କୁହାଯାଏ। ପଥଭ୍ରଷ୍ଟ ଯୁବପିଢୀ ତାଙ୍କ ପଦାଙ୍କକୁ ଅନୁସରଣ କରିପାରିଲେ ଆମେ ଏକ ସୁସ୍ଥ, ସ୍ୱାଭିମାନ ସମାଜ ଗଠନ କରିପାରିବା ବୋଲି ଆଲୋଚନା ହୋଇଥିଲା। ପ୍ରତିଯୋଗିତାରେ କ୍ରୀଡାବିତ୍ ବିଷ୍ଣୁ ପ୍ରସାଦ ମିଶ୍ର , କୋଚ ଚିନ୍ମୟ ପ୍ରଧାନ ପିଲାମାନଙ୍କୁ ଦୈନନ୍ଦିନ ଜୀବନରେ ଖେଳର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଟଗ୍ ଅଫ୍ ୱାର ପ୍ରତିଯୋଗିତାରେ ପିଲାମାନଙ୍କ ଶକ୍ତି ଓ କଦାପି ନ ଛାଡିବା ର ଅଭ୍ୟାସ ସମ୍ବନ୍ଧରେ କୋଚ କହିଥିଲେ। ପରେ ସେ ସମସ୍ତ ପିଲାଙ୍କ ସହ ପଡିଆକୁ ଓହ୍ଲାଇଥିଲେ। ଏହା ପରେ ଉପସ୍ଥିତ ଛାତ୍ରୀଛାତ୍ର ଉଭୟ ଖେଳ ଖେଳିଥିଲେ। ବିଜେତା ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା।




ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗନେଇଥିବା କ୍ରୀଡ଼ାବିତ୍।

# ବିଶୁଦ୍ଧ ପିଇବା ପାଣି ଯୋଗାଣର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଓଡଗାଁ,୨୯।୨
(ଆଦର୍ଶ କୁମାର ପଟ୍ଟନାୟକ)

ସହରାଞ୍ଚଳର ସମସ୍ତ ବାସିନ୍ଦାଙ୍କୁ ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ବିଭିନ୍ନ କାର୍ଯ୍ୟକ୍ରମ । ପୂର୍ବରୁ ପୁରୀ,କଟକ ଓ ବ୍ରହ୍ମପୁର ପରି ବଡ଼ ବଡ଼ ସହରରେ ଏହି ଯୋଜନା କାର୍ଯ୍ୟକାରୀ ହୋଇସାରିଛି । ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ଆଭସୀ ମାଧ୍ୟମରେ ଓଡ଼ଗାଁ ସହର ପାଇଁ ୨୪ ଘଣ୍ଟିଆ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ଯୋଜନାରେ ଓଡ଼ଗାଁ ସହରର ୧୫ଟି ୱାର୍ଡର ୨୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ। ଏହି ପ୍ରକଳ୍ପ ପାଇଁ ୩୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ପ୍ରତି ପରିବାରକୁ ଭଲ ପିଇବା ପାଣି ଯୋଗାଇବା ମୋର ବହୁତ ଦିନର ସ୍ୱପ୍ନ । ସବୁବେଳେ ମୋ ସରକାର ଏହାକୁ ପ୍ରାଥମିକତା ଦେଇ ଆସିଛି । ଓଡ଼ଗାଁ ସହରକୁ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ସେବାରେ ଯୋଡି ମୁଖ୍ୟମନ୍ତ୍ରୀ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିବା ସହିତ ଆଜି ଏକ ଐତିହାସିକ ଦିନ। ଜଳ ଆମ ସମସ୍ତଙ୍କ ପାଇଁ ଅମୂଲ୍ୟ।'ଡ୍ରିଙ୍କ ଫ୍ରମ୍ ଟ୍ୟାପ' ମିଶନ ଜରିଆରେ ଜନସାଧାରଣ ଟ୍ୟାପରୁ ସିଧାସଳଖ ବିଶୁଦ୍ଧ ପାନୀୟ ଜଳ ପାଇପାରୁଛନ୍ତି। ଏହି ପାଣିକୁ ଫିଲ୍ଟର କରିବା ଆବଶ୍ୟକ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ।

ଏହି ଅବସରରେ ରଗଡିସାହିଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ କେବଳ ଦେଶ ନୁହେଁ,ପୃଥିବୀର ବିକାଶଶୀଳ ରାଷ୍ଟ୍ର ପାଇଁ ଏକ ରୋଲ ମଡେଲ ହୋଇପାରିଛି। ପାଣି ପାଇଁ ଲୋକଙ୍କ ଅସୁବିଧାକୁ ମୁଖ୍ୟମନ୍ତ୍ରୀ ଅନୁଭବ

### ବୁନ୍ଦାଏ ପାଣି ନଷ୍ଟ ନ କରିବାକୁ ଅନୁରୋଧ

କରିଛନ୍ତି । ଆଜି ଠାରୁ ଓଡ଼ଗାଁ ସହର ବିକାଶ କ୍ଷେତ୍ରରେ ନୂଆ ଯୁଗ ଆରମ୍ଭ ହେଲା ବୋଲି କହିଥିଲେ। ବିଶୁଦ୍ଧ ଜଳକୁ ଉପଯୁକ୍ତ ଭାବେ ବ୍ୟବହାର କରିବା ଉଚିତ ବୋଲି ମତ ଦେଇ ବିଧାୟକ କହିଲେ ବହୁ କଷ୍ଟରେ ଆସିଥିବା ଜଳରୁ ଗୋଟିଏ ବିନ୍ଦୁ ନଷ୍ଟ ନ କରିବା ପାଇଁ ଜନସାଧାରଣଙ୍କୁ ହାତଯୋଡି ନିବେଦନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଜନସ୍ୱାସ୍ଥ୍ୟ ଖଣ୍ଡ ବିରଞ୍ଚି ନାରାୟଣ ପ୍ରଧାନ,ଅଧୀକ୍ଷଣ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ଉପଖଣ୍ଡ ଦୁର୍ଯ୍ୟୋଧନ ସାହୁ, ସହକାରୀ ଯନ୍ତ୍ରୀ ସୁଧାକର ସ୍ୱାଇଁ, ବ୍ଲକ ବିଜେଡି ସଭାପତି ସୂର୍ଯ୍ୟନାରାୟଣ ଚୌଧୁରୀ ଓ ପୂର୍ବତନ ସରପଞ୍ଚ ଦିବାକର ନାୟକଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ ତାଲା, ବାରଣ୍ଡାରେ ପାଠ ପଢୁଛନ୍ତି ପିଲା



ମୋହନା,୨୯।୨(ମନ୍ମଥ ମିଶ୍ର)

ମୋହନା ବ୍ଲକ ସଦରମହକୁମା ପଞ୍ଚାୟତରେ ଥିବା ନାରାୟଣ ନଗର ଅଙ୍ଗନୱାଡି କେନ୍ଦ୍ର ଥାଇ ମଧ୍ୟ ପିଲାମାନେ ବାରଣ୍ଡାରେ ପାଠ ପଢୁଛନ୍ତି। ପୂର୍ବରୁ ପିଲାମାନେ ଭଡ଼ା ଘରେ ପାଠ ପଢୁଥିଲେ। କିନ୍ତୁ ଆଜିକୁ ଦେଢ ବର୍ଷ ହେଲା ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ପିଲାମାନେ ବାରଣ୍ଡାରେ ହିଁ ପାଠ ପଢୁଛନ୍ତି। ଉକ୍ତ କେନ୍ଦ୍ରର କର୍ମୀ ରିନା ମହାପାତ୍ରଙ୍କ କହିବା କଥା ଅଙ୍ଗନୱାଡି କେନ୍ଦ୍ରର ସମସ୍ୟାକୁ ନେଇ ବାରମ୍ବାର ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ଏକଜୁଟିଭ ଅଫିସର ଓ ବ୍ଲକ ଶିଶୁ ସମନ୍ୱିତ ଅଧିକାରିଣୀ ଲଳିତା ମଲିକଙ୍କ ନିକଟରେ ଅଭିଯୋଗ କରିଛନ୍ତି। କିନ୍ତୁ ଦେଢ ବର୍ଷ ହେବ ତାଲା ପଡି ରହିଛି। ଉକ୍ତ ଅଙ୍ଗନୱାଡିଟି ଦୀର୍ଘ ବର୍ଷ ହେବ ଅଧା ପନ୍ତରିଆରେ ପଡ଼ି ରହିଥିଲା। ସାହି ବାସିନ୍ଦାଙ୍କ ଅଭିଯୋଗ ପରେ ୱାର୍ଡ ମେମ୍ବର ସସ୍ମିତା ମିଶ୍ର ଅଧାପନ୍ତରିଆରେ ପଡ଼ିଥିବା ଅଙ୍ଗନୱାଡି କେନ୍ଦ୍ରକୁ ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। କାମ ସମ୍ପୂର୍ଣ୍ଣ ହେବାପରେ ୱାର୍ଡ ମେମ୍ବର କହୁଛନ୍ତି ଉକ୍ତ ଅଙ୍ଗନୱାଡି କେନ୍ଦ୍ର ପାଇଁ ୨, ୭୦, ୦୦୦ ଟଙ୍କା ଆସିଥିଲା। କିନ୍ତୁ ମୋହନା ପଞ୍ଚାୟତ ଏକଜୁଟିଭ ଅଫିସର ଲକ୍ଷ୍ମୀ କାନ୍ତ ପାତ୍ର କହିଥିଲେ ଅଧିକ ଟଙ୍କା ଖର୍ଚ୍ଚ ହେଲେ ମଧ୍ୟ କାମ ସମ୍ପୂର୍ଣ୍ଣ ପରେ ବିଲ୍ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଘର କାମ ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ ୩୦୦୦୦୦ ହୋଇଥିଲା। ହେଲେ ବିଲ୍ କରାଗଲା ୨,୪୦, ୦୦୦ଟଙ୍କା। ଆସିଥିବା ଟଙ୍କାରୁ ବଳକା ଟଙ୍କା ୩୦,୦୦୦ ମିଳିଲା ନାହିଁ କି ଅଧିକ ଖର୍ଚ୍ଚ ହୋଇଥିବା ୩୦,୦୦୦ ମଧ୍ୟ ଆଜି ଯାଏ ମିଳିଲା ନାହିଁ। ଏଣୁ ବିଲ୍ ହୋଇନଥିବା ଯୋଗୁ ଗୃହରେ ତାଲା ପକାଇ ରଖିଛନ୍ତି ୱାର୍ଡ ମେମ୍ବର। ଅନ୍ୟପକ୍ଷେ ପଞ୍ଚାୟତ ଏକଜୁଟିଭ ଅଫିସର୍‌ଙ୍କୁ ପଚାରିବାରୁ ଟଙ୍କା ଦିଆଯାଇଛି ଆଉ ଟଙ୍କା ଦିଆଯିବ ନାହିଁ। ଏବେ ପିଲାଙ୍କ ଭବିଷ୍ୟତ ବାରଣ୍ଡାରେ ବିତୁଛି। କେବଳ ଅଙ୍ଗନୱାଡି କେନ୍ଦ୍ର ନୁହେଁ, ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ମୋହନା ପିଇଓଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିଥିବାରୁ ଏହାର ତଦନ୍ତ ଆବଶ୍ୟକ ହୋଇପଡ଼ିଛି। ଏପଟେ ପିଲା ପିଣ୍ଡାରେ ବସିବା ଦ୍ୱାରା ପାଖରେ ଥିବା ନାଳ ନର୍ଦ୍ଦମା ପାଣିକୁ ମଶା ଦ୍ୱାରା ନାନା ରୋଗରେ ପୀଡିତ ହେଉଛନ୍ତି ପିଲା। ତୁରନ୍ତ ଏହି ଅଙ୍ଗନୱାଡି କେନ୍ଦ୍ରକୁ ଖୋଲିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ମୋହନା ବିଡିଓ କହିଛନ୍ତି ଜେଇଙ୍କ ସହ ଯୋଗାଯୋଗ କରି ସମସ୍ୟା ଉପରେ ଆଲୋଚନା କରାଯାଇ ଶୀଘ୍ର ସମାଧାନ କରାଯିବ।

# ଓଡ଼ିଶା ସଙ୍ଗୀତ ନାଟକ ଅକାଦମୀ ସଦସ୍ୟ ଭାବରେ ଗୁରୁ ରଘୁନାଥ ପାତ୍ର ମନୋନୀତ

ପାରଳାଖେମୁଣ୍ଡି, ୨୯।୨ (ଗିରିଧାରୀ ପରିଛା):




ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ସଙ୍ଗୀତ ନାଟକ ଅକାଦମୀର ନୂତନ ସାଧାରଣ ପରିଷଦ ଗଠିତ ହୋଇଛି। ଏଥିରେ ଗଜପତି ଜିଲା ତଥା ଓଡିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରଘୁନାଥ ପାତ୍ର ସଦସ୍ୟ ଭାବରେ ମନୋନୀତ ହୋଇଛନ୍ତି। ଦୀର୍ଘ ବର୍ଷ ପରେ ଜଣେ ଗଜପତି ଜିଲାବାସୀ ପରିଷଦ ସଦସ୍ୟ ଭାବରେ ସାମିଲ ହୋଇଥିବା ଯୋଗୁଁ ସ୍ଥାନୀୟ ବୁଦ୍ଧିଜୀବୀ ଓ କଳାକାର ମହଲରେ ଖୁସିର ଲହରୀ ଖେଳିଯାଇଛି। ଚୟନ ପାଇଁ ଗୁରୁ ଶ୍ରୀ ପାତ୍ର ରାଜ୍ୟ ସରକାର ଓ ଅକାଦମୀ ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି ଓ ତାଙ୍କରି ପରିଷଦ ୩ ବର୍ଷ ସମୟ ମଧ୍ୟରେ ଜିଲାର ନୃତ୍ୟ, ନାଟକ ଓ ବିଶେଷ କରି ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ପାରଳା ଘରାଣାର ପୂର୍ବ ଗୌରବ ଫେରାଇବା ପାଇଁ ପ୍ରଚେଷ୍ଟା କରିବେ ବୋଲି କହିଛନ୍ତି। ନୂତନ ଭାବେ ଚୟନ ପରେ ଗୁରୁ ରଘୁନାଥ ପାତ୍ରଙ୍କୁ ଓଡ଼ିଶାର ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ସଂଗୀତା ଗୋସାଇଁ, ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ, ପୂର୍ବତନ ନଗରପାଳ ନୃସିଂହ ଚରଣ ପଟ୍ଟନାୟକ, ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଅକାଦମୀ ପୁରସ୍କାରପ୍ରାପ୍ତ ମଞ୍ଚ କଳାକାର ଆଦର୍ଶ ଦାସ, ଡ. ଚନ୍ଦନ ଗନ୍ତାୟତଙ୍କ ସମେତ ଭକ୍ତି ସଙ୍ଗୀତ ସଂସଦ, କ୍ରିଏଟିଭ ଆର୍ଟସ, ସମଲେଇ ନୃତ୍ୟ କଳା ପରିଷଦ, ପଦାମୃତ ନୃତ୍ୟାୟନ, ଶ୍ରୀଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ର, ସ୍ମାର୍ଟ ସ୍କୁଲ, ମିରାକଲ ଡ୍ୟାନସ ଷ୍ଟୁଡିଓ, ଭକ୍ତି ନୈବେଦ୍ୟ ସଙ୍ଗୀତ ଅନୁଷ୍ଠାନ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ସହରାଞ୍ଚଳ ରୂପାନ୍ତରଣ ପ୍ରକଳ୍ପ ଉଦ୍‌ଘାଟିତ

ଜି.ଉଦୟଗିରି,୨୯।୨(ଶିଶିର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିଭିନ୍ନ ସ୍ଥାନରେ ୫-ଟି ଆଧାରରେ ସହରାଞ୍ଚଳର ରୂପାନ୍ତରଣର ପ୍ରକଳ୍ପ ଗୁଡ଼ିକର ଭର୍ଚୁଆଲ ମୋଡ଼ରେ ଉଦ୍‌ଘାଟନ କରିଛନ୍ତି। ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ରାଜ୍ୟ ସରକାରଙ୍କ ତରଫରୁ ମୁକ୍ତା ଯୋଜନା ମାଧ୍ୟମରେ ସହରରେ ଥିବା କଚା ପକ୍କା ସଡ଼କର ନିର୍ମାଣ, ଖୋଲା ସ୍ଥାନ ଗୁଡ଼ିକର ସୌନ୍ଦର୍ଯ୍ୟକରଣ, ଓପେନ ଜିମ୍, ଶିଶୁ ମାନଙ୍କ ପାଇଁ ଖେଳ ଉପକରଣ ଯୁକ୍ତ ପାର୍କ, ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଧର୍ମାନୁଷ୍ଠାନ ଗୁଡ଼ିକର ନବୀକରଣ, ଜାଗା ମିଶନ ଯୋଜନାରେ ଭୂମି ହୀନଙ୍କୁ ଭୂମି ପ୍ରମାଣ ପତ୍ର ବଣ୍ଟନ ଭଳି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନର କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁକ୍ତା ଯୋଜନା ସଂଯୋଜକ ପ୍ରଭାତ ରଞ୍ଜନ ସାହୁ ପରିଚାଳନା କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପରିଷଦ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାଉନସିଲର ମୋନାଲିସା ଦଳବେହେରା, ଭାରତୀ ବେହେରା, ଯାକେଶ ପ୍ରଧାନ, ଲିପିକା ପ୍ରଧାନ, ନନ୍ଦିତା ପ୍ରଧାନ, ଦୀପକ କୁମାର ନାୟକ, ବରିଷ୍ଠ ସହାୟକ ସତ୍ୟ ପ୍ରକାଶ ମହାପାତ୍ର, କେ ଜୀବନଜ୍ୟୋତି ପାତ୍ର, ମୁକେଶ ରଞ୍ଜନ ନାୟକ, ପଙ୍କଜ ବେହେରା, ସୁନ୍ଦରା ସୋରେନ, ପ୍ରଦୀପ ଶତପଥୀ, କନିଷ୍ଠ ଯନ୍ତ୍ରୀ ବି.ଦୁଃଖୀଶ୍ୟାମ ପାତ୍ର, ସୀତାଂଶୁ କବି ପ୍ରମୁଖ ଉପସ୍ଥିତ ଥିଲେ।

# ଅଣ ଓସାରିଆ ରାସ୍ତା ସବୁବେଳେ ଜାମ୍

ଖଜୁରିପଡ଼ା, ୨୯।୨(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପାଠାରେ ଜିଲା ପ୍ରସିଦ୍ଧ ତଥା କନ୍ଧମାଳ ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ବରାଳ ଦେବୀଙ୍କ ମନ୍ଦିର କେଉଁ ଅନାଦି କାଳରୁ ସ୍ଥାପିତ ହୋଇ ରହିଛି। ଏହି ସ୍ଥାନକୁ ଜିଲା ତଥା ଜିଲା ବାହାରୁ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ମାଁଙ୍କ ଦର୍ଶନ ପାଇଁ ଆସନ୍ତି। ଫୁଲବାଣୀ ସହରଠାରୁ ୧୩ କିମି ଦୂରରେ ଖଜୁରିପଡ଼ା ବ୍ଲକଠାରୁ ୧୨ କିମି ଦୂରରେ ଅବସ୍ଥିତ ଏହି ଐତିହାସିକ ଦେବୀ ଶକ୍ତି ପୀଠ। ତାହା ସାଙ୍ଗକୁ ରହିଛି ପିଲା ସାଲୁଙ୍କି ଓ ପୁରୁଣା ପାଣି ଡ୍ୟାମ। କିନ୍ତୁ ରାଜନେତା ଏବଂ ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଏହି ରାସ୍ତା ଆଜି ପର୍ଯ୍ୟନ୍ତ ଓସାରିଆ ହୋଇପାରିଲା ନାହିଁ । କେବଳ ନିର୍ବାଚନ ସମୟ ଆସିଲେ ଅଞ୍ଚଳର ବିକାଶ ପାଇଁ ଭାଷଣ ବାଜି ହେବ ତା' ପରବର୍ତ୍ତୀ ସମୟରେ ଏହି ସମସ୍ୟା ପ୍ରତି ନଜର ଉଠି ଯିବା କେତେ ଦୂର ଯଥାର୍ଥ। ତେଣୁ ଏହା ପିଡବ୍ଲ୍ୟୁଡି ବିଭାଗରେ ଅନ୍ତର୍ଭୁକ୍ତ କରି ରାସ୍ତା ପ୍ରସାରିତ କରିବା ପାଇଁ ମାଁ ଇଷ୍ଟ ଦେବୀ ଯୁବ କଳା ପରିଷଦ ବାରମ୍ବାର ଅଭିଯୋଗ କରି ଆସୁଛି ଏବଂ ୫ଟି ଅଧ୍ୟକ୍ଷଙ୍କୁ ମଧ୍ୟ ମା'ଇଷ୍ଟ ଦେବୀ ଯୁବ କଳା ପରିଷଦ ଦାବି ଜଣେଇଛି। କିନ୍ତୁ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କେହି ଏଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି । ଏହା ଏକ ପ୍ରମୁଖ ବାଇପାସ ରାସ୍ତା ହୋଇଥିବାରୁ ୧୫୭ ନଂ ଜାତୀୟ ରାଜପଥ ଓ ୫୭ ନଂ ଜାତୀୟ ରାଜପଥକୁ ସଂଯୋଗ କରିବାକୁ ବହୁ ସୁବିଧା ହୁଏ । ତେଣୁ ପ୍ରତିଦିନ ମାଲବାହୀ ଟ୍ରକ ଯାତାୟାତ କରୁଛି। ହେଲେ ରାସ୍ତା ଅଣଓସାରିଆ ହୋଇ ଥିବାରୁ ଗାଡ଼ି ସାଇଡ ଦେବା ସମୟରେ ଦୁର୍ଘଟଣା ଘଟୁଛି। ଶୁକ୍ରବାର ଦିନ ରାସ୍ତାକଡ଼ରେ ବଲସକୁମ୍ପାଠାରେ ସାପ୍ତାହିକ ହାଟ ବସୁଛି। ଏହି ଦିନ ଜନଗହଳି ଯୋଗୁ ଟ୍ରକ ବସ୍ ଜାମ୍ ହେବା ସହିତ ବାଇକ ସାଇକେଲ ଏବଂ ଚାରିଚକିଆ ଯାନ ଜାମ୍ ହେବାରୁ ଘଣ୍ଟା ଘଣ୍ଟା ଧରି ସମସ୍ତେ ହଇରାଣ ହେଉଛନ୍ତି । ତେଣୁ ଜିଲା ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ଏବଂ ଏହି ରାସ୍ତାକୁ ପିଡବ୍ଲ୍ୟୁଡି ରାସ୍ତାରେ ସାମିଲ କରି ରାସ୍ତା ଓସାରିଆ କରିବା ନିତାନ୍ତ ଆବଶ୍ୟକ ହୋଇପଡିଛି।

# ଗାଇବା ପଞ୍ଚାୟତରେ ଭଲିବଲ ଟୁର୍ଣ୍ଣାମେଣ୍ଟ

ଗୁମ୍ମା,୨୯।୨(ପ୍ରବୀଣ କୁମାର ଲିମା)–ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ପଞ୍ଚାୟତର ଗାଇବା ଗ୍ରାମରେ ପଞ୍ଚାୟତସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଯୁବ ବିଜେଡି ଉପସଭାପତି ତଥା ଯୁବ ନେତା ଇଂ. ରୂପେଶ ପାଣିଗ୍ରାହୀ, ଦାନା ଅପାରାଓ, ବୁଲୁ ରଇତ, ଗାଇବା ପୋଲିସ ଫାଣ୍ଡି ଓଆଇସି ରାମ କୃଷ୍ଣ ଦାସ, ସ୍ଥାନୀୟ ସରପଞ୍ଚ ତିଷ୍ଟି ଭୂୟାଁ, ସମିତିସଭ୍ୟା ବାସନ୍ତୀ ପାଣି, ସୁଧାକର ଲିମା, ଆଶେର କର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଯୁବ ବିଜେଡି ଉପସଭାପତି ପାଣିଗ୍ରାହୀଙ୍କ ନେତୃତ୍ୱରେ ଗାଇବା ପଞ୍ଚାତର ୧୨ ୱାର୍ଡରୁ ୨୪ଟି ଟିମ କରାଯାଇ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା। ପଞ୍ଚାୟତ ସଭାପତି ମାନୁଏଲ ମାଛ, ଲୁଲୁ ଲିମା, ଭୁବନାନନ୍ଦ ବେବର୍ତ୍ତା, ବିନାୟକ ମାଛ, ସରଗ୍ୟ ପାଣି, ଅଜୟ ପାଳ, ଗୋପାଳ ପ୍ରଧାନ, ଲକ୍ଷ୍ମୀ ଜେନା, ସୁନ୍ଦର ସିଂ, ପାତ୍ର ବାବୁ ସହଯୋଗ କରିଥିଲେ।

**ପୂର୍ବ ତଟ ରେଳପଥ**

**ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ**

ସଂ.SDCM/KUR/Parking stand/E-auction/ Publication/937, ତା.23.02.2024 ରିଖ

ଷ୍ଟେସନ ଏବଂ ସ୍ଥାନ: ବାଲୁଗାଁ-2 ଚକିଆ (ପରିଚଳନା କ୍ଷେତ୍ର ସଂଲଗ୍ନ) ।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା.09.03.2024 ରିଖ 1100 ଘଟିକା ।

ନିଲାମ ବନ୍ଦ ହେବା ତାରିଖ ଓ ସମୟ: ତା.09.03.2024 ରିଖ 1130 ଘଟିକା ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-1137/O/23-24

# ଖଜୁରିପଡ଼ାରେ ନୂତନ ଥାନା ଅଧିକାରୀ



ଖଜୁରିପଡ଼ା, ୨୯।୨(ବିଦୁର ବେହେରା) ଖଜୁରିପଡ଼ା ଥାନାରେ ନୂତନ ଥାନା ଅଧିକାରୀ ଚାପ ଧାରି ପ୍ରଧାନଙ୍କ ଯୋଗଦାନ କରିଛନ୍ତି। ପୂର୍ବରୁ ସେ ବ୍ରାହ୍ମଣୀ ଗାଁ ଥାନାରେ ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଥିବା ବେଳେ ବର୍ତ୍ତମାନ ଖଜୁରୀପଡ଼ା ଥାନାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଥାନା ଅଧିକାରୀଙ୍କ ଯୋଗଦାନ ପରେ ତାଙ୍କୁ ଥାନା କର୍ମଚାରୀମାନେ ସ୍ୱାଗତ ଜଣାଇଥିଲେ।

# ଆମ ବ୍ୟାଙ୍କ ଯୋଜନା ଉଦ୍‌ଘାଟିତ

ଦିଗପହଣ୍ଡି,୨୯।୨(ଅଶେଷ ନାଥ ମିଶ୍ର)

ରାଜ୍ୟ ଅର୍ଥ ଓ ପଞ୍ଚାୟତିରାଜ ବିଭାଗର ମିଳିତ ଆନୁକୂଲ୍ୟରେ ୫-ଟି ଯୋଜନାରେ ଗୁରୁବାର ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ସମେତ ୮ଟି ପଞ୍ଚାୟତରେ ଆମ ବ୍ୟାଙ୍କ ଯୋଜନାର ଶୁଭ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଆଭାସୀ ମାଧ୍ୟମରେ ଏହାକୁ ଲୋକାର୍ପିତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ଯୋଜନାର ଶୁଭାରମ୍ଭ ହୋଇଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ବ୍ଲକ ଅଧିନ ବାସୁଦେବପୁର, ଖମ୍ବାରୀ ଗାଁ, ଫାସିଗୁଡ଼ା, ଗୌଡ଼ ଗାଁ, ବିଜୟ ଲକ୍ଷ୍ମୀନାରାୟଣପୁର, ଭ୍ରମରପୁର, ଚଷାନିମଖଣ୍ଡି, ନିମଖଣ୍ଡିପେଣ୍ଠ ପଞ୍ଚାୟତର ଏହି ଯୋଜନାର ଶୁଭାରମ୍ଭ ହୋଇଯାଇଛି। ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଏବଂ ଭିନ୍ନକ୍ଷମମାନେ ଘର ଦୁଆରେ ଏହି ସେବା ସୁବିଧାରେ ପାଇପାରିବେ। ବାସୁଦେବପୁର ସରପଞ୍ଚ ଏମ୍ . ଶ୍ୟାମଘନ, ପ୍ରତିନିଧି ଏମ୍. ସନ୍ତୋଷ, କନିଷ୍ଠ ଯନ୍ତ୍ରୀ ଇଂ. ତପସ୍ୱିନୀ ପାଢ଼ୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ ପଟ୍ଟନାୟକ, ପୂର୍ବତନ ସମିତିସଭ୍ୟ ଦାସ ରେଡ୍ଡୀ, ସାମାଜିକ କର୍ମୀ ଏମ୍.ନରସିଂହ, ଖମ୍ବାରୀ ଗାଁ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ଚଷାନିମଖଣ୍ଡି ସରପଞ୍ଚ ପ୍ରତିନିଧି ରବିଚନ୍ଦ୍ର ଗୌଡ଼, ନିମଖଣ୍ଡିପେଣ୍ଠ ସରପଞ୍ଚ ପ୍ରତିନିଧି ସୀମାଞ୍ଚଳ ଗୌଡ଼ଙ୍କ ସମେତ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଜି.ଉଦୟଗିରି,୨୯।୨

(ଶିଶିର ପଟ୍ଟନାୟକ/ ସଞ୍ଜୀବ କୁମାର ପାତ୍ର)




ବିଜୁ ଜନତା ଦଳର ପରିବାର ସମ୍ପର୍କ ଅଭିଯାନ ବା ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଗୁରୁବାର ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନମ୍ବର ୭ ଓ ୧୦ର ମହାଗୁଡ଼ା ସାହି, ବରାଳିନୀ ସାହି, ବସଷ୍ଟାଣ୍ଡ ସାହି, କଚେରିସାହି, ବଡ଼ ସାହିଠାରୁ ଗାନ୍ଧୀ ଛକ ହୋଇ ବନ୍ଧଛକ ଶିବ ମନ୍ଦିର ଯାଏ ଅନୁଷ୍ଠିତ ହୋଇଥିଲା। ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ନଗର ସଭାପତି ପି.ସଞ୍ଜୀବ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ନଗର ମହିଳା ସଭାନେତ୍ରୀ କୃତାଞ୍ଜଳି ନାୟକ, ବିଧାୟକ ପ୍ରତିନିଧି ଅନିଲ କୁମାର ଦଳବେହେରା, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାଉନସିଲର ମୋନାଲିସା ଦଳବେହେରା, ସିଦ୍ଧେଶ୍ୱରୀ ନାୟକ, ଭାରତୀ ବେହେରା, ଲକ୍ଷ୍ମୀପ୍ରିୟା ପରିଚ୍ଛା, ଦୀପକ କୁମାର ନାୟକ, ଦେବନାଥ ଦଳବେହେରାଙ୍କ ସମେତ ଦଳୀୟ କର୍ମକର୍ତ୍ତା ଯୋଗଦେଇ ବିଜେଡି ସରକାରଙ୍କ ଜନକଲ୍ୟାଣ ଯୋଜନା ବିଷୟରେ ପ୍ରତ୍ୟେକ ଘରେ କହିଥିଲେ। ମାର୍ଚ୍ଚ ୫ ତାରିଖ ବିଜୁ ଜୟନ୍ତୀ ଯାଏ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ୱାର୍ଡରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ରହିଛି।

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-89-23

କାର୍ଯ୍ୟର ବିବରଣୀ: ଟ୍ରାକ୍ସନ ସବ୍‌ଷ୍ଟେସନ, ଲୋକୋ ସେଡ୍ ଏବଂ Loco's (ପାରମ୍ପରିକ ବିଦ୍ୟୁତ୍ ପାସେଞ୍ଜର ଲୋକୋ, 3-ଫେଜ୍ ରିଜେନରେଟିଭ ପାସେଞ୍ଜର ଲୋକୋ, ପାରମ୍ପରିକ ବିଦ୍ୟୁତ୍ ଗୁଡ୍‌ସ ଲୋକୋ, 3-ଫେଜ୍ ରିଜେନରେଟିଭ ଗୁଡ୍‌ସ ଲୋକୋ ଏବଂ ଡିଜେଲ ଲୋକୋ (ସଦ୍ୟତମ)ର ଅନିବାର୍ଯ୍ୟ ଏନର୍ଜି ଅଡିଟ୍ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 4,30,700/-, EMD (₹): 8,600/- ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-90-23

କାର୍ଯ୍ୟର ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଚେଶ୍ୱର ସେଟେଲମେଣ୍ଟ ଏରିଆରେ ସାଇକ୍ଲୋନ୍ ପ୍ରତିରୋଧକ LT ଅଣ୍ଡରଗ୍ରାଉଣ୍ଡ କେବୁଲିଙ୍ଗ ସିଷ୍ଟମ୍ ବ୍ୟବସ୍ଥା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 95,05,900.26, EMD (₹): 1,90,100/- ।

ଶେଷ ହେବା ଅବଧି : 3 ମାସ (କ୍ରମ ସଂ.1 ପାଇଁ) ଏବଂ 6 ମାସ (କ୍ରମ ସଂ.2 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.15.03.2024 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ଼

PR-1132/O/23-24

# ବିଜେଡି ନେତା, କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ ପର୍ଯ୍ୟବେକ୍ଷକ

ଗଞ୍ଜାମ,୨୯।୨(ବିଦ୍ୟାଧର ସାହୁ): ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତିକି ବଢ଼ିବାରେ ଲାଗିଛି। ଏଥିପାଇଁ ନେତାମାନେ ନିଜ ସଂଗଠନ ବୃଦ୍ଧି ଲାଗି ଦିନରାତି ଏକ କରିଦେଲେଣି। ନିର୍ବାଚନକୁ ଆଖି ଆଗରେ ରଖି ଛତ୍ରପୁର ନିର୍ବାଚନ ମଣ୍ଡଳୀର ବିଜେଡି ପର୍ଯ୍ୟବେକ୍ଷକ ନାରାୟଣ ପ୍ରସାଦ ଜେନା ବିଭିନ୍ନ ସ୍ଥାନରେ ବୈଠକ କରି ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ଦେଉଥିବା ଜଣାପଡିଛି। ଦଳୀୟ ଗୋଷ୍ଠୀ କନ୍ଦଳକୁ ଭୁଲି ସମସ୍ତେ ଏକ ହୋଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରି ଷଷ୍ଠ ଥର ପାଇଁ ସରକାର ଗଠନ କରିବାକୁ ଆହ୍ୱାନ ଦେଇଛନ୍ତି। ଗତ ଦୁଇ ଦିନ ତଳେ ମଲାଡ଼ ପଞ୍ଚାୟତର ଏକ ସ୍ଥାନରେ ବୈଠକ କରି ଏହି ଗୁରୁମନ୍ତ୍ର ଫୁଙ୍କିଥିବା ଜଣାପଡ଼ିଛି। ତେବେ ଏହି ବୈଠକରେ କେତେକ ନେତା ଓ କର୍ମୀ ବିଧାୟକଙ୍କ ବିରୋଧରେ ଆଲୋଚନା କରିଥିଲେ ମଧ୍ୟ ପର୍ଯ୍ୟବେକ୍ଷକ ଏହାକୁ ସମାଧାନ କରିଥିବା ସୂଚନା ମିଳିଛି। ଏହି ବୈଠକରେ ପୂର୍ବତନ ସରପଞ୍ଚ କେଦାର ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର ଭାଗ୍ୟ ରେଡ୍ଡୀ, ସମିତି ସଭ୍ୟ ଛାୟାକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ନବୀନଙ୍କ ହାତମୁଠା ଟାଣ କରିବାକୁ ଏକ ପ୍ରକାର ସଂକଳ୍ପ କରିଥିବା ଜଣାପଡ଼ିଛି। ବିଧାୟକ ସୁବାସ ବେହେରା କହିଛନ୍ତି ଛତ୍ରପୁର ଏକ ଶୃଙ୍ଖଳିତ ନିର୍ବାଚନ ମଣ୍ଡଳୀ। ଏହି ନିର୍ବାଚନ ମଣ୍ଡଳୀରେ ନେତା ଓ କର୍ମୀ ସ୍ୱଚ୍ଛତାର ସହ ଦଳୀୟ ସଂଗଠନକୁ ସୁଦୃଢ କରିଆସିଛନ୍ତି। ଯେଉଁମାନେ ଦଳକୁ ବିଭାଜନ କରିବାକୁ ଉଦ୍ୟମ ଚଳାଇଛନ୍ତି ତାହା କିଛି ଫରକ ପଡ଼ିବନି। ବିଜେଡି ଏନଏସି ସଭାପତି ସୁଧୀର କୁମାର ପାଢ଼ୀ କହିଛନ୍ତି ଆମ ଦଳରେ କୌଣସି ଅନ୍ତଃ ଗୋଷ୍ଠୀ କନ୍ଦଳ ନ ଥିଲା କି ଏବେ ନାହିଁ। ଦଳରେ କିଛି ନେତା ଓ କର୍ମୀ ଅଛନ୍ତି, ଯେଉଁମାନଙ୍କର ମନ ଭାଜପାରେ ଆଉ ଦେହ ବିଜେଡିରେ। ସେମାନେ ଚିହ୍ନଟ ହୋଇସାରିଲେଣି ଖୁବଶୀଘ୍ର ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦଳ ସୁପ୍ରିମୋଙ୍କୁ ଲିଖିତ ଅଭିଯୋଗ କରାଯିବ।

# ଚକ୍ଷୁ ପରୀକ୍ଷା ଶିବିର

ଆସିକା,୨୯।୨ (ସୁରେନ୍ଦ୍ରନାଥ ସାହୁ)

ଆସିକା ବ୍ଲକର ବାଲିସିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ନିମିନା, କେନ୍ଦୁପଦର ଓ ବାଲିସିରା କ୍ଲଷ୍ଟର ଅଧିନରେ ଥିବା ବିଭିନ୍ନ ବିଦ୍ୟାଳୟର ୨୮୦ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୧୩୭ଜଣଙ୍କୁ ମାଗଣା ଚଷମା ପ୍ରଦାନ ଲାଗି ଚିହ୍ନଟ ହୋଇଥିଲା ବେଳେ ୪ଜଣଙ୍କ ଚକ୍ଷୁରେ ଅସ୍ତ୍ରୋପ୍ରଚାର ଲାଗି ଚିହ୍ନଟ ହୋଇଛି । କାଯ୍ୟକ୍ରମରେ ଜିଲ୍ଲାପରିଷଦ ସଦସ୍ୟା ଅନିମା ପରିଡା, ସହକାରୀ ଗୋଷ୍ଠି ଶିକ୍ଷାଧିକାରୀ ବିଭୂନନ୍ଦନ ପଣ୍ଡା ଯୋଗଦେଇଥିଲେ । ବରିଷ୍ଠ ଶିକ୍ଷକ ରାମନାଥ ପଟ୍ଟନାୟକ, ଗୋଷ୍ଠି ସମ୍ବଳ ଶିକ୍ଷକ ହେମନ୍ତ ନନ୍ଦ ଶିବିର ପରିଚାଳନା କରିଥିଲେ ।

# ରଷିକୁଲ୍ୟା ସେତୁ ଲୋକାର୍ପିତ

ଆସିକା ୨୯।୨ (ସୁରେନ୍ଦ୍ରନାଥ ସାହୁ):



ଆସିକା-ବ୍ରହ୍ମପୁର ୫୯ ନମ୍ବର ଜାତୀୟ ରାଜପଥ ଚେରମାରିଆ-କେନ୍ଦୁପଦର ରାସ୍ତାରେ ରଷିକୂଲ୍ୟା ନଦୀ ଉପରେ ନିର୍ମିତ ସେତୁ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିଡିଓ କନଫେରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରାଯାଇଥିଲା। ଗୁରୁବାର ଦିନ ଏହି ସେତୁକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି। ଚେରମାରିଆଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ଏମପି. ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୀୟ କୁମାର ମିଶ୍ର, କନିଷ୍ଠ ଯନ୍ତ୍ରୀ ଚିରଞ୍ଜିବି ସାହୁ, ନିଳମଣୀ ପଟ୍ଟନାୟକ, ଦିଲ୍ଲୀପ ପାଣିଗ୍ରାହୀ, ରାଜେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ୨୬କୋଟି ୯୬ଲକ୍ଷ ଟଙ୍କା ବ୍ୟୟ ନିର୍ମିତ ଏହି ସେତୁ ଦ୍ୱାରା ଆସିକା ଓ କବିସୂର୍ଯ୍ୟନଗର ବ୍ଲକର ଶତାଧିକ ଗ୍ରାମବାସୀ ଉପକୃତ ହେବେ ।

# ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ

ଆସିକା ୨୯।୨ (ସୁରେନ୍ଦ୍ରନାଥ ସାହୁ)

ବ୍ୟାଙ୍କ ସେବା ଉପଲବ୍ଧ ହେଉନଥିବା ପଞ୍ଚାୟତରେ ଜନସାଧାରଣଙ୍କୁ ବ୍ୟାଙ୍କ ସେବା ଯୋଗାଇବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ଆମ ବ୍ୟାଙ୍କ ସେବା କାର୍ଯ୍ୟକ୍ରମ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫେରେନ୍ସିଂ ମାଧ୍ୟମରେ ଉଦଘାଟିତ ହୋଇଥିଲା। ଆସିକା ବ୍ଲକର ୧୪ଟି ପଞ୍ଚାୟତରେ ମଧ୍ୟ ଏହି ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବ୍ଲକର ଆଲିପୁର, ସିଦ୍ଧନୟୀ, ଭେଟନଇ, ପାଣ୍ଡିଆପଥର, ଜୟପୁର, ବରଗାଁ, କାଳଷଣ୍ଡପୁର, ଖଣ୍ଡଦେଉଳି, ଚଢିଆପଲ୍ଲୀ, ଦେବଭୂମି, ଗଙ୍ଗାପୁର, ବାଲିଛାଇ, ଗୁଣ୍ଡପଡା ଓ କମାଗଡ ପଞ୍ଚାୟତରେ ସଂପୃକ୍ତ ପଞ୍ଚାୟତର ସରପଞ୍ଚମାନଙ୍କ ଦ୍ୱାରା ଏହି ଉଦଘାଟନୀ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

**ଭାରତ ସରକାର**

**ପୂର୍ବ ତଟ ରେଳପଥ**

**ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ**

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୧୭୪୭ ତା. ୨୦/୦୨/୨୦୧୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ ଜିଲ୍ଲାର ବିମଳାଗଡ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା-ସତ୍ୟବନ୍ଧ, ଥାନା-ଖମାର, ଥାନା ନମ୍ବର-୭୨ ରୁ ଏକର ୦.୨୨୦ ପରିମିତ ପ୍ରଜା ଭୂମି ଆବଶ୍ୟକ ହେଉଅଛି । ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମିର ଖାତା, ରୟତ ଏବଂ ତଦବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ ।

୧-ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଅନୁଗୁଳ (ରେଲୱେ ଷ୍ଟେସନ ନିକଟ) ଅନୁଗୁଳ-୭୫୯୧୨୩

**ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**

ଜିଲ୍ଲା: ଅନୁଗୁଳ, ଥାନା: ଖମାର, ଥାନା ନଂ.୭୨, ତହସିଲ: ପାଲହଡ଼ା, ମୌଜା: ସତ୍ୟବନ୍ଧ

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟ ନାମ, ବାସସ୍ଥାନ ଓ ଠିକଣା | ପ୍ଲଟ ମୋଟ ରକବା (ଏକରରେ) | ପ୍ଲଟ ପାଇଁ ଆବଶ୍ୟକ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୮୯/୮ | ୧୦୧/୧୦୧୫ | ଶାରଦ ଜଳ-୩ | ହାଡ଼ି ଦାସ, ପି.ପୀତବାସ ଦାସ ଜା. ଭାଟ, ବା. ଜେନାପଡା | ୦.୭୨୦ | ୦.୨୨୦ | |
| | | | | ମୋଟ | | ୦.୨୨୦ | |

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

PR-129/CG/23-24

